# ସଂକ୍ଷେପରେ

## ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

**ସୋର, ୧୪।୯(ଜନ୍ମେଜୟ ମିଶ୍ର)**

ସୋର ବ୍ଲକ ତଳନଗର ପଞ୍ଚାୟତ ସୁନାରୀ ଗ୍ରାମର ହରିହର ମାଝି(୪୫) ନାମକ ଜଣେ ଯୁବକ ପାରିବାରିକ କଳହରୁ ଆତ୍ମହତ୍ୟା କରିଛନ୍ତି। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଝିଅ ଓ ପୁଅ ବାହାର ରାଜ୍ୟରେ କାମ କରୁଛନ୍ତି। ତେବେ ସ୍ୱାମୀ ଓ ସ୍ତ୍ରୀ ଦୁହେଁ ଘରେ ରହୁଥିବା ବେଳେ ବିଭିନ୍ନ ସମୟରେ ଉଭୟଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଶୁକ୍ରବାର ରାତିରେ ହରିହର ଓ ତାଙ୍କ ସ୍ତ୍ରୀ ଭିନ୍ନ ଘରେ ଶୋଇଥିଲେ। ଶନିବାର ସକାଳେ ହରିହର ଶୋଇବା ଘର କବାଟ ଖୋଲି ନ ଥିଲେ। ପରେ ତାଙ୍କ ସ୍ତ୍ରୀ ପଡ଼ୋଶୀଙ୍କ ସହାୟତାରେ ଘର କବାଟ ଭାଙ୍ଗି ହରିହର ଆତ୍ମହତ୍ୟା କରିଥିବା ଦେଖିଥିଲେ। ପରିବାର ଲୋକେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ୨୩୮୧ ମକଦ୍ଦମାର ଆପୋସ ସମାଧାନ

**ଭଦ୍ରକ,୧୪।୯(ସନାତନ ରାଉତ)**

ଭଦ୍ରକ ଜିଲା କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ସଚିବ ନେହା ଅଗ୍ରୱାଲ ପରିଚାଳନା କରିଥିଲେ। ମୋଟ ୬ କୋଟି ୪୧ ଲକ୍ଷ ୯ ହଜାର ୭୯୩ ଟଙ୍କାରେ ୨୩୮୧ଟି ମକଦ୍ଦମାର ଆପୋସ ସମାଧାନ ହୋଇଛି।

# କ୍ଷତିଗ୍ରସ୍ତ ଶ୍ରମିକ ପରିବାରକୁ ନ୍ୟାୟ ମିଳୁନି

**ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଗୁରୁତ୍ୱହୀନ**

**ରସୁଲପୁର,୧୪।୯(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୩-୨୪ ଆର୍ଥିକ ବର୍ଷର ୧ ଅକ୍ଟୋବର ୨୦୨୩ରୁ ୩୧ ମାର୍ଚ୍ଚ, ୨୦୨୪ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ, କାର୍ଯ୍ୟରେ ନିୟୋଜିତ ଶ୍ରମିକ, ସୃଷ୍ଟି ହୋଇଥିବା ଶ୍ରମଦିବସ ଓ କାର୍ଯ୍ୟକ୍ଷେତ୍ରରେ ଶ୍ରମିକମାନଙ୍କ ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ବିଡିଓ ଅବନିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଯାଜପୁର ଅତିରିକ୍ତ ଜିଲାପାଳ(ସାଧାରଣ) ଯୋଗଦେବାର ଥିଲା। ମାତ୍ର କୌଣସି କାରଣବଶତଃ ଜିଲାସ୍ତରୀୟ ଅଧିକାରୀ ଅନୁପସ୍ଥିତ ଥିଲେ। ଚଳିତବର୍ଷ ଫେବୃଆରୀରେ ଅନୁଷ୍ଠିତ ଶିବିରରେ ମଧ୍ୟ ଜିଲାସ୍ତରୀୟ ଅଧିକାରୀ ଅନୁପସ୍ଥିତ ରହିଥିଲେ। ଜିଲାସ୍ତରୀୟ ଅଧିକାରୀଙ୍କ ବାରମ୍ବାର ଅନୁପସ୍ଥିତି ଯୋଗୁ ଶିବିର ଗୁରୁତ୍ୱହୀନ ହୋଇପଡୁଛି। ଶିବିରରେ ଉପସ୍ଥାପନ ହେଉଥିବା



ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିରରେ ଯୋଗଦେଇଥିବା ଅଧିକାରୀ।

ସମସ୍ୟା ଓ ତା'ର ସମାଧାନ ନେଇ ହେଉଥିବା ଆଲୋଚନାକୁ କାର୍ଯ୍ୟକାରୀ ହେଉନାହିଁ। ଫଳରେ କ୍ଷତିଗ୍ରସ୍ତ ଶ୍ରମିକ ପରିବାରକୁ ନ୍ୟାୟ ମିଳିପାରୁନାହିଁ ବୋଲି ଅଭିଯୋଗ ହୋଇଛି।

ଏଥର ଅନୁଷ୍ଠିତ ଶିବିରରେ ସମାନ ସ୍ଥିତି ଉପୁଜିଥିବା ଲକ୍ଷ୍ୟ କରାଯାଇଛି। ଯାହାକୁ ନେଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ ରାଉତ ପ୍ରଶ୍ନ ଉଠାଇଛନ୍ତି। ସେ କରିଥିବା ଅଭିଯୋଗରୁ ଜଣାଯାଇଛି କି ଶିବିର ଜନଶୂନ୍ୟ ରହିଥିଲା। କେବଳ ଅଧିକାରୀଙ୍କୁ ନେଇ ଶିବିର ହୋଇଥିଲା। ଅଧିକାରୀ ତୃଣମୂଳସ୍ତରରେ କାର୍ଯ୍ୟକରିବା ସମୟରେ କରିଥିବା ଭୁଲତ୍ରୁଟି ସମ୍ପର୍କରେ ଶିବିର ଜରିଆରେ ଆଲୋଚନା କରାଯାଇ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କରାଯିବାର ବିଧି ରହିଛି। ତେବେ ଏ ସମ୍ପର୍କରେ ବ୍ଲକ ଅଞ୍ଚଳର ଶ୍ରମିକ ଅବଗତ ହୋଇ ପାରି ନ ଥିବାରୁ ଶିବିର ମୂଲ୍ୟହୀନ ହୋଇପଡିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଏହାଛଡ଼ା ଶିବିର ପରିଚାଳନାରେ କେତେକ ବ୍ୟତୀକ୍ରମ ଦେଖାଦେଇଛି। ପ୍ରାରମ୍ଭରେ ଏପିଓ ସୁଚିସ୍ମିତା ଜେନା ସୂଚନା ଦେଇ କହିଥିଲେ, ୧୨ ସମ୍ବଳ ବ୍ୟକ୍ତି ବିଭିନ୍ନ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପସ୍ଥଳ ପରିଦର୍ଶନ କରି ଓ କାର୍ଯ୍ୟରେ ନିୟୋଜିତ ଶ୍ରମିକ ପରିବାରଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ଏହି ୬ମାସିଆ ଅବଧି ମଧ୍ୟରେ ୧୭,୩୭୧ଟି ଶ୍ରମିକ ପରିବାରକୁ ଜବକାର୍ଡ ପ୍ରଦାନ କରାଯାଇଛି। ୫୮୪୯ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇ ୧,୦୩,୯୫୩ଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି। ୬୨ ପରିବାରକୁ ୧୦୦ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଛି। ବ୍ଲକ ଅଞ୍ଚଳରେ ୫୦୫ ନୂତନ ପ୍ରକଳ୍ପ ହାତକୁ ନିଆଯାଇ ୨୪୬.୩୭ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ୧୦୯ ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରାଯାଇଛି ସେ ବୋଲି ତଥ୍ୟ ଉପସ୍ଥାପନ କରିଥିଲେ।

ବ୍ଲକ ସାମାଜିକ ସମୀକ୍ଷକ ରିଙ୍କୁନ ସ୍ୱାଇଁଙ୍କୁ ତଥ୍ୟ ଉପସ୍ଥାପନ କରିବାକୁ ବିଡିଓ ସୁଯୋଗ ଦେଇ ନ ଥିଲେ। ବିଭିନ୍ନ ପଞ୍ଚାୟତରୁ ଗ୍ରାମ ସମ୍ବଳ ବ୍ୟକ୍ତିଙ୍କ ହସ୍ତଗତ ହୋଇଥିବା ତଥ୍ୟ ଉପରେ ଆଲୋଚନା ହୋଇ ନ ଥିଲା। ସମୀକ୍ଷକଙ୍କୁ ସେମାନଙ୍କ ପକ୍ଷ ରଖିବାକୁ ଦିଆଯାଇ ନ ଥିଲା। ଶିବିର ଅସଲ ଉଦେଶ୍ୟ ସମ୍ପର୍କରେ ଆଲୋଚନା ନ ହୋଇ ସୁଭଦ୍ରା ଓ କୃଷି ଯୋଜନା ସମ୍ପର୍କରେ ଆଲୋଚନା କରାଯାଇ ଅଧଘଣ୍ଟାଏ ମଧ୍ୟରେ ଶିବିରକୁ ସୀମିତ ରଖାଯାଇଥିଲା।

ଶିବିର ପରିଚାଳନା ପ୍ରକ୍ରିୟାକୁ ନେଇ ଶିବିରାର୍ଥୀଙ୍କ ମଧ୍ୟରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ଏହିଭଳି ଭାବରେ ଶିବିର ଆୟୋଜନକୁ ମୂଲ୍ୟହୀନ କରିଦେବା ପ୍ରଚେଷ୍ଟାକୁ ଜନପ୍ରତିନିଧିଙ୍କ ମହଲରେ ନାପସନ୍ଦ କରାଯାଇଛି। ଶିବିରରେ ଏବିଡିଓ ଦିବ୍ୟକାନ୍ତି ମିଶ୍ର, ସହାକରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ ପ୍ରମୁଖ ଯୋଗ ଦେଇଥିଲେ। ଏ ସମ୍ପର୍କରେ ବିଡିଓ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭିନ୍ନ ପଞ୍ଚାୟତରେ ସମୀକ୍ଷା ବେଳେ ଦୃଷ୍ଟିକୁ ଆସିଥିବା ସମସ୍ୟାକୁ ସାଧାନ କରାଯାଇଛି। କେତେକ କ୍ଷେତ୍ରରେ ଆର୍ଥିକ କାରବାରରେ ଅନିୟମିତତା ହୋଇଥିବା ତଥ୍ୟ ହସ୍ତଗତ ହୋଇଛି। ସେ ଦିଗରେ ପଦକ୍ଷେପ ନିଆଯାଇ ଅନିୟମିତତା ଅର୍ଥକୁ ସମ୍ପୃକ୍ତ ଅଧିକାରୀ ଓ ସରପଞ୍ଚଙ୍କଠାରୁ ଆଦାୟ କରାଯିବା ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଖାଦାନରୁ ପଥର ଉଠାକୁ ନେଇ ଭୁଜାଲି ଆକ୍ରମଣ

**ସୋର, ୧୪।୯(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ଖଞ୍ଜାମାହାଲର ଏକ ବେଆଇନ ଖାଦାନରୁ ପଥରଉଠାଣକୁ ନେଇ ଶୁକ୍ରବାର ରାତି ୧୦ଟାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଲାଗି ଭୁଜାଲି ମାଡ଼ ହେବା ଫଳରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଉଭୟ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପୋଲିସ ୨ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ ବହୁଦିନରୁ ବନ୍ଦ ହୋଇଥିବା ଖଞ୍ଜାମାହାଲ ଖାଦାନରୁ ବେଆଇନ ପଥରଉଠାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପୂର୍ବରୁ ଏହି ଖାଦାନ ନୀଳଗିରି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ନାମରେ ଥିବା ବେଳେ ଅବଧି ଶେଷ ହେବା ପରେ ମହୁମୁହାଣ ପଞ୍ଚାୟତ ଅଞ୍ଚଳର କିଛି ଯୁବକ ଏହାକୁ ବେଆଇନ ଭାବେ ପଥର ଉତ୍ତୋଳନ କରୁଥିଲେ। ଏହି ଖାଦାନରୁ ଅନ୍ୟ ଏକ ଗୋଷ୍ଠୀ ପଥର ଉଠାଇବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେବା ଫଳରେ ଗୋଟିଏ ଗୋଷ୍ଠୀର ଭୁଜାଲି ମାଡ଼ରେ ପ୍ରଭାକର ମଳିକ(୪୪) ଓ ସନ୍ଦୀପ କୁମାର(୩୦) ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେମାନଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କ ପ୍ରଥମେ ବାଲେଶ୍ୱର ଓ ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଉଭୟ ପକ୍ଷରୁ ୨ଜଣଙ୍କୁ ଅଟକ ରଖିଥିବା ବେଳେ ଅଭିଯୋଗ ଅନୁଯାୟୀ ଦୁଇଟି ମାମଲା(ନଂ. ୭୮୮/୨୪ଏବଂ୭୮୯/୨୪) ରୁଜୁକରିଛି।

# ଯାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଯାଜପୁର ଟାଉନ,୧୪।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୪୨ ମାମଲା ଫଇସଲା ହୋଇଛି। ସେଥିମଧ୍ୟରୁ ୪୪୨ ଫୌଜଦାରୀ, ୨୮ ମୋଟର ଦୁର୍ଘଟଣା ଜନିତ, ୧୪୬ ଦେୱାନୀ ଏବଂ ୨୬ ପାରିବାରିକ କଳହ ମକଦ୍ଦମା ଫଇସଲା କରାଯାଇ ମୋଟ୍ ୬, ୬୬, ୯୧,୩୬୯ ଟଙ୍କା ଜରିମାନ ଆଦାୟ କରାଯାଇଛି। ରାଜସ୍ୱ ବିଭାଗର ୯୭୭୯ ମାମଲା ବିଚାର କରାଯାଇ ୫,୯୮,୯୦୮ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ଶ୍ରମ ବିଭାଗର ୨ ମାମଲା ଫଇସଲା କରାଯାଇ ୧୩, ୬୫, ୫୩୦ ଟଙ୍କା ଆଦାୟ କରାଯାଇଛି। ୩ ଖାଉଟି ବିବାଦର ଫଇସଲା କରାଯାଇ ୨୩,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏତଦ୍‌ବ୍ୟତୀତ ବିଭିନ୍ନ ବ୍ୟାଙ୍କର ୫୦, ବିଦ୍ୟୁତ୍ ବିଭାଗର ୧୮, ସାଧାରଣ ଉପଯୋଗୀ ସେବା ଜନିତ ୧ ଏବଂ ୩ ଟେଲିଫୋନ ସମ୍ବନ୍ଧୀୟ ପ୍ରାକ ବିଚାରାଧୀନ ମାମଲା ଫଇସଲା କରାଯାଇ ୨୦,୧୫,୨୮୪ ଟଙ୍କା ଆଦାୟ କରାଯାଇଛି।

ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଂଜନ ନନ୍ଦ ଉଦ୍‌ଘାଟନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଜ୍ୟୋତିର୍ମୟୀ ଦାସ ପରିଚାଳନା କରିଥିଲେ। ଜିଲା ପରିବାର ଅଦାଲତର ବିଚାରପତି ଗୁଣ୍ଡିଚା ସାମନ୍ତସିଂହାର, ଅତିରିକ୍ତ ଜିଲା ଜଜ୍ ସୁନିଲ କୁମାର ଦାସ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ସର୍ବେଶ୍ୱର ଦାସ, ବରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧରୀ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ମନସ୍ୱିନୀ ରଥ, ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ, ବରିଷ୍ଠ ଦେୱାନୀ ବିଚାରପତି (ଏଲ୍‌ଆର ଏବଂ ଏଲ ଟିଭି) ଲୋପାମୁଦ୍ରା ବେହେରା, ଏସ୍‌ଡିଜେଏମ ଇପ୍‌ସିତା ନନ୍ଦ, ଦେୱାନୀ ବିଚାରପତି ପାରସ ପାଢୀ, ଏବଂ ଜେଏମ୍‌ଏଫ୍‌ସି ଅନୁସୟା ଜେନା ପ୍ରମୁଖ ଅଂଶଗ୍ରହଣ କରି ବିଭିନ୍ନ ମକଦ୍ଦମା ଫଇସଲା କରିଥିଲେ।




ଲୋକ ଅଦାଲତରେ ଯୋଗଦେଇଥିବା ଅଧିକାରୀମାନେ।

# ଜିଲାସ୍ତରୀୟ ବିଜ୍ଞାନ, କୁଇଜ ପ୍ରତିଯୋଗିତା

**ଯାଜପୁରରୋଡ୍,୧୪।୭ (ପବିତ୍ର ରଞ୍ଜନ ମହାନ୍ତି):**

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର ଆହ୍ୱାନକ୍ରମେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ଉପରେ ଦକ୍ଷତା ପ୍ରତିପାଦନ ପାଇଁ ଜିଲାସ୍ତରୀୟ ବିଜ୍ଞାନ ଓ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହି ଅବସରରେ ଯାଜପୁର ଜିଲା ଶିକ୍ଷା ବିଭାଗ ନେତୃତ୍ୱରେ କୋରେଇ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଏନ୍‌ସି ହାଇସ୍କୁଲ ଓ ଶଶିଭୂଷଣ ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି ସମ୍ବନ୍ଧୀୟ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଭା ଉନ୍ମୋଚନ କରିବା ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମଣ୍ଡଳ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ ମନ୍ତବ୍ୟ ଦେଇଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୌଦ୍ଧିକ ତଥା ଆବିଷ୍କାରକ ଚିନ୍ତାଧାରା ଜାଗ୍ରତ ହେବ ବୋଲି ସେ କହିଛନ୍ତି। ଏନ୍‌ସି ହାଇସ୍କୁଲ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ଦେହୁରି, ଶଶିଭୂଷଣ ବାଳିକା ଉଚ୍ଚ ବିଦ୍ୟାଳୟର ଜୟନ୍ତୀ ବେହେରା, ବୈତରଣୀ ରୋଡ ହାଇସ୍କୁଲର ପ୍ରଧାନଶିକ୍ଷକ ଜିତେନ୍ଦ୍ର ସାହୁ, ରଘୁନାଥ ସାହୁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମହେଶ୍ୱର ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଜୟ କୁମାର ପରିଡ଼ା, ରଶ୍ମିତା ପଣ୍ଡା, କଳ୍ପିତା ସାହୁ, ଅନିଲ କୁମାର ସେଠୀ, ପ୍ରଦୀପ କୁମାର ସାହୁ, ପ୍ରଭାକର ଜେନା ପ୍ରମୁଖ ୧୭ ସାଧନକେନ୍ଦ୍ରର ସଂଯୋଜକ ଉପସ୍ଥିତ ରହି ସହଯୋଗ କରିଥିଲେ।




କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଉଓଙ୍ଗରାରେ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ସିଂହପୁର,୧୪।୯ (ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଉଓଙ୍ଗରା ପଞ୍ଚାୟତଠାରେ ଭାଜପାର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଭାଜପା ସଂଗଠକ ବିଘ୍ନରାଜ କରଙ୍କ ସଭାପତିତ୍ୱରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଭାଜପା ନେତ୍ରୀ ବବିତା ମଲ୍ଲିକ, ପରମେଶ୍ୱର ସାହୁ, ଭୁବନାନନ୍ଦ ସାମଲ, ଜଜ୍ଞେୟ ବେହେରା, ଅଟଳ ନାୟକ, ଯୁବ ଭାଜପା ସଂଗଠକ ମନୋରଞ୍ଜନ ସାହୁ, ଜ୍ୟୋତିପ୍ରକାଶ ନାୟକ, ଦୈତାରି ମଲ୍ଲିକ, ରଞ୍ଜୟ ତ୍ରିପାଠୀ, ସଞ୍ଜୀବ ବେଉରିଆ, ଗୌରାଙ୍ଗ ମୁଦୁଲି, ସୀତାଂଶୁ ଦାସ ଓ ଯଯାତି କେଶରୀ ରାୟ ପ୍ରମୁଖ ଯୋଗଦେଇଥିଲେ। ପରେ ହାଟ ପଡ଼ିଆରେ ଏମ୍‌ପି ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ଛତିଆ,୧୪।୯(ସୌମ୍ୟରଞ୍ଜନ ସାହୁ):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ହାଇସ୍କୁଲ ଖେଳପଡ଼ିଆଠାରେ ଦୁଇଦିନିଆ ବଡ଼ଚଣା ମଣ୍ଡଳ ବିଦ୍ୟାଳୟସ୍ତରୀୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ପ୍ରତିଯୋଗିତାରେ ବ୍ଲକ୍‌ର ୪୦ ବିଦ୍ୟାଳୟର ୩୦୨ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ସବିତା ସାହୁ, ଛତିଆ ହାଇସ୍କୁଲ ପ୍ରଧାନଶିକ୍ଷକ ପର୍ଶୁକାନ୍ତ ଜେନା, ସୋଲର ହାଇସ୍କୁଲ ପ୍ରଧାନଶିକ୍ଷକ ଆନନ୍ଦ ସେଠୀ, ଛତିଆ ସମିତିସଭ୍ୟ ଦୀପକ ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କ୍ରୀଡ଼ା ପରିଚାଳନାରେ ଶିକ୍ଷକ ହରିହର ବିଶ୍ୱାଳ, ମନୋଜ ସାହୁ, ଅମରେନ୍ଦ୍ର ସାମନ୍ତରାୟଙ୍କ ସମେତ ଆୟୋଜକ ଛତିଆ ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।



କ୍ରୀଡ଼ା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି।

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

**ବ୍ରହ୍ମବରଦା,୧୪।୯ (ଯଯାତି କେଶରୀ ବେହେରା):**

ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ବ୍ରହ୍ମବରଦା ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବ୍ରହ୍ମବରଦା ଥାନା ଅଧୀନ ବେଲଗୁଡି ଗ୍ରାମର ଶକ୍ତିପ୍ରସାଦ ନାୟକ(୩୦)। ନାବାଳିକାଙ୍କ ସହ ଶକ୍ତିପ୍ରସାଦଙ୍କ ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ତେବେ କୌଣସି କାରଣରୁ ନାବାଳିକା ତାଙ୍କଠାରୁ ଦୂରେଇ ଯାଇଥିଲେ। ଏଥିରେ ଶକ୍ତିପ୍ରସାଦ କ୍ରୋଧାନ୍ୱିତ ହୋଇ ନାବାଳିକାଙ୍କୁ ବହୁ ସମୟରେ ଫୋନରେ ଧମକ ଦେବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ। ଶାରିରୀକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ଏଥିରେ ଅରାଜି ହେବାରୁ ନାବାଳିକାଙ୍କ ଭାଇଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଉଥିଲେ। ଗତ ଶୁକ୍ରବାର ନାବାଳିକା କଲେଜ ଯାଉଥିବା ସମୟରେ ଶକ୍ତିପ୍ରସାଦ ବ୍ରହ୍ମବରଦା ବଜାରଘାଟ ବ୍ରିଜ ନିକଟରେ ତାଙ୍କୁ ଟଣାଓଟରା କରିଥିଲେ। ଏନେଇ ନାବାଳିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୭୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ଅଂଶୁମାଳା ଦାସ ସୂଚନା ଦେଇଛନ୍ତି।

# ସଚେତନତା ଅଭାବରୁ ମହିଳା, ଶିଶୁ ସୁରକ୍ଷାରୁ ବଞ୍ଚିତ

**ମାନବଚାଲାଣ, ଅବୈଧ ବିବାହ ସମ୍ପର୍କରେ ଜିଲାସ୍ତରୀୟ ସଚେତନତା**

**ଯାଜପୁର ଟାଉନ,୧୪।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ମାନବଚାଲାଣ (ଶିଶୁ ଓ ମହିଳା), କନ୍ୟା ସନ୍ତାନ ବିକ୍ରୟ ଓ ଅବୈଧ ବିବାହ ନିଷେଧ ଆଇନ ସମ୍ପର୍କିତ ଏକ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯାଜପୁର ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା ଯୋଗଦେଇ ଶିଶୁ ଓ ମହିଳା ଆମଦେଶ ପାଇଁ ପ୍ରମୁଖ ମାନବ ସମ୍ବଳ। ସେମାନଙ୍କ ସୁରକ୍ଷା ଓ ବିକାଶକୁ ସରକାର ଅଗ୍ରାଧିକାର ଦେଇଛନ୍ତି। ଅନେକ ଆଇନ ଓ ଯୋଜନା କାର୍ଯ୍ୟକାରୀ ହେଉଛି। କିନ୍ତୁ ସଚେତନତା ଅଭାବରୁ ଅନେକ ମହିଳା ଓ ଶିଶୁ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ପ୍ରାରମ୍ଭରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ସବିତା ଚ୍ୟାଉପଟ୍ଟନାୟକ ଅଧ୍ୟକ୍ଷତା କରି ମହିଳା ଓ କନ୍ୟା ସନ୍ତାନ କିଛିକ୍ଷେତ୍ରରେ ଅସୁବିଧା ଜନକସ୍ଥିତି ମଧ୍ୟରେ ଗତିକରୁଛନ୍ତି ଓ ସେମାନଙ୍କୁ ଆବଶ୍ୟକ ସହାୟତା ଏବଂ ସହଯୋଗ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ସେମାନଙ୍କୁ କୌଶଳ ବିକାଶ ପ୍ରଶିକ୍ଷଣ ଯୋଗାଇଦେଇ ସ୍ୱାବଲମ୍ବୀ କରିବାର ସମୟ ଆସିଛି। ସରକାରଙ୍କ ମିଶନ ଶକ୍ତି ବିଭାଗ, ମହିଳା ଓ ଶିଶୁବିକାଶ ବିଭାଗ, ଦକ୍ଷତା ବିକାଶ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ଶ୍ରମ ବିଭାଗ ଓ ପଞ୍ଚାୟତିରାଜ ବିଭାଗର ଅନେକ କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ସାମିଲ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ ସ୍ୱାଇଁ, ଶିଶୁମଙ୍ଗଳ କମିଟିର ଅଧ୍ୟକ୍ଷା ରେକ୍ସନା ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ।

କାର୍ଯ୍ୟକ୍ରମରେ ବିଷୟ ବିଶାରଦ ରୂପେ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ତଥା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ଯୋଗଦେଇ ଅନୈତିକ ଚାଲାଣ ନିବାରଣ ଆଇନ (ଆଇଟିପିଏ), ୧୯୫୬ ଓ ପରବର୍ତ୍ତୀ ସଂଶୋଧନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ବଳ ବ୍ୟକ୍ତି ଭାବେ ଆଇନଜୀବୀ ଅମୀୟ ଭୂଷଣ ବିଶ୍ୱାଳ ଯୋଗଦେଇ ଓଡ଼ିଶାରେ ମାନବ ଚାଲାଣ ରୋକିବାରେ ଅଂଶୀଦାରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଅନ୍ତର୍ଜାତୀୟ ନ୍ୟାୟ ମିଶନ ଇଣ୍ଡିଆର ଡିଭିଜନ ମୁଖ୍ୟ ଅମିତ କୁମାର ନାୟକ ଶ୍ରମ ଚୋରା ଚାଲାଣ ସମ୍ବନ୍ଧୀୟ ଆହ୍ୱାନ ଏବଂ ରଣନୀତି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ଚାଇଲଡ ହେଲ୍ପ ଲାଇନ କର୍ମକର୍ତ୍ତା, ଏକକ ରହଣି କେନ୍ଦ୍ର ପରିଚାଳିକା, ବିଭିନ୍ନ ବେସରକାରୀ ସଂସ୍ଥାର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଶିଶୁ ସୁରକ୍ଷା ବିଭାଗର ମିହିର କୁମାର ଜେନା ଧନ୍ୟବାଦ ଦେଇଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

# ଡେଙ୍ଗୁ ପଜିଟିଭ୍ ରିପୋର୍ଟକୁ ନେଇ ଡାକ୍ତରଙ୍କୁ ଆକ୍ରମଣ

## ପାରାଦୀପ, ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଭାବନୀୟ ଘଟଣା

ପାରାଦୀପ,୧୪।୯(ଶରତ ରାଉତ)

ପାରାଦୀପ ଅଠରବାଙ୍କୀ ସରକାରୀ ବିଜୁ ମେମୋରିଆଲ ହସ୍ପିଟାଲରେ ଶନିବାର ଅପରାହ୍ନରେ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳାଙ୍କ ଡେଙ୍ଗୁ ପଜିଟିଭ୍ ରିପୋର୍ଟ ଘଟଣାକୁ ନେଇ ତାଙ୍କ ସମ୍ପର୍କୀୟ ଓ ବସ୍ତି ଲୋକମାନେ ଡାକ୍ତରଙ୍କୁ ଆକ୍ରମଣ କରିଛନ୍ତି। ପରେ ପୋଲିସ ପହଞ୍ଚି ଲୋକଙ୍କୁ ଘଉଡ଼ାଇବା ସହ ଆକ୍ରମଣ ଅଭିଯୋଗରେ ଜଣେ ଯୁବକକୁ ଆଣି ଥାନାରେ ଅଟକ ରଖିଛି। ଆକ୍ରମଣ ଶିକାର ହୋଇଥିବା ଡାକ୍ତର ପ୍ରସନ୍ନ କୁମାର ସାମଲ ଏହି ଘଟଣାକୁ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଆଦର୍ଶ ଥାନାରେ ମାମଲା (ନଂ. ୨୨୯/୨୪) ରୁଜୁ ହୋଇଛି।

ତାଙ୍କ ଅଭିଯୋଗ ମୁତାବକ, ୧୧ ସେପ୍ଟେମ୍ବରରେ ମଧୁବନ ଲୋକନାଥ କଲୋନୀର ମହିଳା ଲୀନା ନାୟକ (୨୭) ଜ୍ୱର ଯୋଗୁ ବିଜୁ ମେମୋରିଆଲ ହସ୍ପିଟାଲରେ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ସେତେବେଳେ ଡାକ୍ତର ଡେଙ୍ଗୁ ପରୀକ୍ଷା ପାଇଁ ଲେଖିଥିଲେ। ସେହିଦିନ ଡେଙ୍ଗୁ ପରୀକ୍ଷାରେ ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ଡେଙ୍ଗୁ ପଜିଟିଭ ଅନୁଯାୟୀ ଡାକ୍ତର ଔଷଧ ଖାଇବା ପାଇଁ ପରାମର୍ଶ ଦେଇଥିଲେ। ସଂପୃକ୍ତ ମହିଳା ୧୩ ତାରିଖ ଶୁକ୍ରବାର କଟକ ଯାଇ ସେଠାରେ ଏକ ଘରୋଇ କ୍ଲିନିକ୍‌ରେ ପୁଣି ଡେଙ୍ଗୁ ପରୀକ୍ଷା କରିଥିଲେ। କାରଣ ମହିଳାଙ୍କ ପରିବାର ଲୋକେ ବି ଡେଙ୍ଗୁରେ ଆକ୍ରାନ୍ତ ହୋଇଥିଲେ। ୧୦ ଦିନ ପୂର୍ବରୁ ଡେଙ୍ଗୁ ଯୋଗୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କ ଶାଶୁଙ୍କ ମୃତ୍ୟୁ ଘଟିଥିଲା। ମାତ୍ର କଟକରେ କରାଯାଇଥିବା ଡେଙ୍ଗୁ ରିପୋର୍ଟ ନେଗେଟିଭ ଆସିଥିଲା। ଏହି ଘଟଣାକୁ ନେଇ ଶନିବାର ସମ୍ପୃକ୍ତ ମହିଳା, ତାଙ୍କ ପରିବାର ଲୋକ ଓ ବସ୍ତିର କିଛି ଲୋକ ଯାଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ବସନ୍ତ ରାଉତଙ୍କ ସହ ଯୁକ୍ତି କରିଥିଲେ। ଡେଙ୍ଗୁ ରୋଗ ସମ୍ପର୍କରେ ଲୋକଙ୍କୁ ବୁଝାଇବା ପାଇଁ ଡାକ୍ତର ରାଉତ ମେଡିଶିନ ସ୍ପେଶାଲିଷ୍ଟ ଡାକ୍ତର ସାମଲଙ୍କୁ କହିଥିଲେ। ଡାକ୍ତର ସାମଲ ଲୋକଙ୍କୁ ବୁଝାଉଥିବା ବେଳେ ବିଜ୍ଞାନ ନାୟକ ନାମକ ଯୁବକ ହଠାତ ଆକ୍ରମଣ କରିବା ସହ ଡାକ୍ତରଙ୍କୁ ମାରିଦେବେ ବୋଲି ଧମକ ଦେଇଥିଲେ। ଏହି ସମସ୍ତ ଘଟଣା ହସ୍ପିଟାଲ ସିସିଟିଭିରେ କଏଦ୍ ହୋଇ ରହିରହିଛି। ପରେ ହସ୍ପିଟାଲ କର୍ମଚାରୀ ଓ ଅନ୍ୟ ସାଧାରଣ ଲୋକେ ଅଟକାଇ ଥିଲେ। ଏହି ସମୟରେ ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଲାକଙ୍କୁ ଘଉଡ଼ାଇ ଥିଲା।


ଡାକ୍ତରଙ୍କୁ ରୋଗୀଙ୍କ ସମ୍ପର୍କୀୟମାନେ ଆକ୍ରମଣ କରୁଛନ୍ତି।

# ୨୪ ରୁ ମା'ଶାରଳାଙ୍କ ଶାରଦୀୟ ପାର୍ବଣ ଷୋଳପୂଜା

ତିର୍ତ୍ତୋଲ, ୧୪।୯ (ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅଧୀନ କନକପୁର ସ୍ଥିତ ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ସାର୍ବଜନୀନ ଶାରଦୀୟ ପାର୍ବଣ ଷୋଳପୂଜା ଚଳିତ ମାସ ୨୪ ତାରିଖ ମୂଳାଷ୍ଟମୀ ତିଥିରୁ ଆରମ୍ଭ ହେବ। ଏସମ୍ପର୍କରେ ଶୁକ୍ରବାର ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଜିଲାର ଏଡିଏମ୍ ସମ୍ବିତ ରାଉତ ସଭାପତିତ୍ୱ କରିଥିଲେ। ବୈଠକରେ ଉପଜିଲାପାଳ ବିବୁଦ୍ଧ ଗଡ଼ନାୟକ, ସହକାରୀ ଜିଲାପାଳ ତଥା ଶାରଳା ମନ୍ଦିରର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ କୁମାର ଜେନା, ତିର୍ତ୍ତୋଲ ଅତିରିକ୍ତ ତହସିଲଦାର କଳ୍ପନା ନାୟକ, ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ କୁମାର ରାଉତ, କନକପୁର ପୋଲିସ ଫାଣ୍ଡି ଅଧିକାରୀ ରାଜେନ୍ଦ୍ର କୁମାର ଭୋଳ, ମଣିଜଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶୁଭଜ୍ୟୋତି ମହାନ୍ତି, ଅଗ୍ନିଶମବିଭାଗ ଅଧିକାରୀ ସୁବାସ ଚନ୍ଦ୍ର ଭୋଳଙ୍କ ସହ ଅନ୍ୟ ବିଭାଗୀୟ ପ୍ରତିନିଧିମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ମନ୍ଦିର ପ୍ରଶାସନିକ ଅଧିକାରୀ ବରଦା ପ୍ରସାଦ ମହାନ୍ତି ଚଳିତ ବର୍ଷ ପାର୍ବଣ ପୂଜାର ଆର୍ଥିକ ଅଟକଳର ବିବରଣୀ ପାଠ କରିଥିଲେ। ଏହି ପୂଜା ୧୩ ଲକ୍ଷ ୮୬ ହଜାର ୪୫୪ ଟଙ୍କା ବ୍ୟୟ ଅଟକଳ ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି। ଯାତ୍ରୀମାନଙ୍କ ଶୃଙ୍ଖଳିତ ଦର୍ଶନ, ଯାନବାହନ ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ, ନିରନ୍ତର ବିଦ୍ୟୁତ୍ ସେବା ପ୍ରଦାନ, ଆଶୁ ଚିକିତ୍ସା ବ୍ୟବସ୍ଥା ଓ ସର୍ବୋପରି ସେପ୍ଟେମ୍ବର ୨୪ ମୂଳାଷ୍ଟମୀଠାରୁ ଅକ୍ଟୋବର ୧୦ ଗୁରୁବାର ମହାଷ୍ଟମୀ ପର୍ଯ୍ୟନ୍ତ ଏହି ମହତ୍ତ୍ୱପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ ଶାରଦୀୟ ପାର୍ବଣ ପୂଜା, ବୈଦିକ ବିଧି ବିଧାନ ମଧ୍ୟରେ ପାଳନ କରାଯିବ ଲାଗି ସବିଶେଷ ଆଲୋଚନା ହୋଇଥିଲା। ଏଥିରେ ମା'ଙ୍କ ମୁଖ୍ୟ ପୂଜକ ରଞ୍ଜନ କୁମାର ପଣ୍ଡା, ବରିଷ୍ଠ ସେବାୟତ କ୍ଷୀରୋଦ କୁମାର ରାଉଳ, ହରେକୃଷ୍ଣ ରାଉଳ, ନୃସିଂହ ଚରଣ ରାଉଳ, ଦେବୀ ପ୍ରସାଦ ରାଉଳ, ହରେକୃଷ୍ଣ ନାୟକ, ସୁଦାମ ଚରଣ ରାଉଳ, ଜିତେନ୍ଦ୍ର ରାଉଳ ଓ ଶାରଳା ସାହିତ୍ୟ ସଂସ୍କୃତି ଓ ମହିମା ପ୍ରଚାରକ ରମାକାନ୍ତ ରାଉଳ ପ୍ରମୁଖ ଯୋଗଦେଇ ନିଜର ମତାମତ ଉପସ୍ଥାପନ କରିଥିଲେ। ସିଂହଦ୍ୱାର ସମ୍ମୁଖରେ ଥିବା ଦୋଳ ମଣ୍ଡପର ସ୍ଥାନାନ୍ତରୀକରଣ ନିମନ୍ତେ ଏହି ବୈଠକରେ ସମୂହ ଦାବି ହୋଇଥିଲା ।


ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।


ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ ପାଇଁ ପାରାଦୀପ ବଡପଡିଆ ବ୍ୟାଙ୍କ ଛକରେ ତୋରଣ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

# ଗୁଣିଗାରେଡ଼ି ସନ୍ଦେହରୁ ଗାଁରେ ଉତ୍ତେଜନା

## ଅଭିଯୋଗ ପାଇବା ପରେ ପୋଲିସର ତାଗିଦ

କୁଜଙ୍ଗ,୧୪।୯(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ବଡ଼ଙ୍ଗ ଗ୍ରାମରେ ଗୁଣି ଗାରେଡି ସନ୍ଦେହରେ ଉତ୍ତେଜନା ପ୍ରକାଶ ପାଇଛି। ଖବରପାଇ ପୋଲିସ ପହଞ୍ଚି ଗ୍ରାମର ମହିଳାମାନଙ୍କୁ ତାଗିଦ କରିଛି। କୌଣସି ବ୍ୟକ୍ତି ଆଇନକୁ ହାତକୁ ନେବାକୁ ଉଦ୍ୟମ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ଚେତାବନୀ ଦେଇଛି।

ଏହି ଗ୍ରାମର ଜଣେ ବ୍ୟକ୍ତି ଗୁଣିଗାରେଡ଼ି ଓ ତନ୍ତ୍ର ସାଧନା କରୁଥିବା ଯୋଗୁ ଗାଁର ବହୁ ଝିଅ, ପୁଅ ମୃତ୍ୟୁ ମୁଖରେ ପଡୁଥିବା ନେଇ ଗାଁ ଲୋକଙ୍କ ମନରେ ସନ୍ଦେହ ଲାଗିରହିଥିଲା। ଏନେଇ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ବ୍ୟକ୍ତି ମଣିଷ ଖପୁରି ରଖି ଗୁଣିଗାରେଡ଼ି କରୁଥିବା ନେଇ ଲୋକେ କହୁଥିଲେ। ଶୁକ୍ରବାର ରାତିରେ ସମ୍ପୃକ୍ତ ବ୍ୟକ୍ତି ଗାଁରେ ବୁଲୁଥିବା ଚର୍ଚ୍ଚା ହେବା ପରେ ଗ୍ରାମର କେତେଜଣ ଲୋକ ତାଙ୍କ ଘରେ ପହଞ୍ଚି କବାଟ ବାଡ଼େଇଥିଲେ। ଏନେଇ ସମ୍ପୃକ୍ତ ବ୍ୟକ୍ତି ଭୟଭୀତ ହୋଇ ଥାନାରେ ଅଭିଯୋଗ କରିବା ପରେ ଶନିବାର ପୋଲିସ ଘଟଣାସ୍ଥଳକୁ ଯାଇଥିଲା। ଏହି ସମୟରେ ଗାଁର ମହିଳାମାନେ ଏକାଠି ହୋଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଗୁଣିଗାରେଡ଼ି ଓ ଗାଁର ମହିଳା, ଝିଅମାନଙ୍କୁ ତୁଠରେ ଗାଧୋଇବାବେଳେ ହଇରାଣ କରୁଥିବା ଅଭିଯୋଗ କରିଥିଲେ। ମାତ୍ର ଥାନା ଅଧିକାରୀ ସମ୍ପୃକ୍ତ ବ୍ୟକ୍ତିଙ୍କ ସପକ୍ଷରେ ରହି ତାଙ୍କୁ ଅସୁବିଧା ହେଲେ ଆଇନ୍ ଅନୁଯାୟୀ, କାର୍ଯ୍ୟାନୁଷ୍ଠାନ ହେବ ବୋଲି କହି ତାଗିଦ କରିଛନ୍ତି।

ସୂଚନାଯୋଗ୍ୟ,୫ ବର୍ଷ ପୂର୍ବେ ଏହି ଗ୍ରାମର ୩ ଛୋଟ ଝିଅଙ୍କ କିଛି ଦିନ ମଧ୍ୟରେ ମୃତ୍ୟୁ ଘଟିବା ପରେ ଗୁଣି ସନ୍ଦେହରେ ସମ୍ପୃକ୍ତ ବ୍ୟକ୍ତି ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ହେବାରୁ ଥାନାରେ ଅଭିଯୋଗ ହୋଇଥିଲା।



# ମେଧା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାଲିକୁଦା,୧୪।୯(ତାପସ ସ୍ୱାଇଁ)

ପ୍ରତିବର୍ଷ ଭଳି ଓଟିନ୍ଦା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ମେଧା ଛାତ୍ରୀଛାତ୍ର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ଏ-୧ ପାଇଥିବା ଛାତ୍ରୀ ଅସିଆ ବେଗମ୍, ଦେବ ପ୍ରସାଦ ରାଉତ ଏ-୨ ପାଇଥିବା ଛାତ୍ରୀ ଲିପ୍ସା ଜେନା, ମୋନାଲିସା ବରିହା, ଛାତ୍ର ଓମ୍ ପ୍ରକାଶ ବେହେରାଙ୍କୁ ଆର୍ଥିକ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅରୁଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାନସଭା ସଚିବ ଦାଶରଥି ଶତପଥୀ, ପରିଚାଳନା ପରିଷଦ ସଭାପତି ନବକୁମାର ମିଶ୍ର, ଖବରଦାତା ମନୋଜ ଦାଶ, ଶିକ୍ଷକ ନେତା ସରୋଜକାନ୍ତ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ବୈରାଗୀ ରାଉତ, ନିରଞ୍ଜନ ପଣ୍ଡା, ଭୋଳାନାଥ ମହାନ୍ତି, ଚତୁର୍ଭୁଜ ପରିଡ଼ା, ବସନ୍ତ ଜେନା ପ୍ରମୁଖ ଯୋଗଦେଇ ଅଧ୍ୟବସାୟ ଜାରି ରଖିଲେ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ବୋଲି ଛାତ୍ରୀଛାତ୍ରମାନଙ୍କୁ କହିଥିଲେ । ଶିକ୍ଷକ ଚନ୍ଦ୍ରଶେଖର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ସଂଘମିତ୍ର ନାୟକ ଧନ୍ୟବାଦ ଦେଇଥିଲେ ।

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ୫୪୧ ମାମଲା

## ୧୯୫ ମାମଲାର ତତ୍କାଳ ଫଇସଲା

କୁଜଙ୍ଗ,୧୪।୯(ମନୋଜ ପ୍ରଧାନ)

କୁଜଙ୍ଗ ଦେୱାନି ଅଦାଲତ ପରିସରରେ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୫୪୧ ମାମଲା ପଞ୍ଜୀକୃତ ହୋଇଥିଲା। ସେଥିରୁ ୧୯୫ ମାମଲାର ଫଇସଲା କରାଯାଇ ୧୩ ଲକ୍ଷ ୮୭ ହଜାର ୪୦ ଟଙ୍କା ୪୨ ପଇସା ବନ୍ଦୋବସ୍ତ କରାଯାଇଥିଲା। କୁଜଙ୍ଗ ତାଲୁକ ଆଇନ ସେବା କମିଟି ଦ୍ୱାରା ଆୟୋଜିତ ଏହି ଲୋକ ଅଦାଲତରେ କମିଟିର ଅଧ୍ୟକ୍ଷ ତଥା କୁଜଙ୍ଗ ଅତିରିକ୍ତ ଜିଲା ଓ ଦୌରାଜଜ ଦୀପ୍ତି ପ୍ରକାଶ ବ୍ରହ୍ମା, ସବ୍‌ଜଜ ଚିନ୍ମୟୀ ପଣ୍ଡା, ଦେୱାନୀ ବିଚାରପତି ଅନୁରାଧା ଶର୍ମା , ଜେଏମ୍‌ଏଫସି ବିଶ୍ୱଭୂଷଣ ନାୟକ ପ୍ରମୁଖ ମାମଲାର ବିଚାର କରିଥିଲେ। ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକୁଟର ଦେବାଶିଷ କଣ୍ଡ ଓ ଅନ୍ୟ ବରିଷ୍ଠ ଆଇନଜୀବୀମାନେ ଉପସ୍ଥିତ ରହି ଏସବୁ ମାମଲାର ଫଇସଲା ହେବାରେ ସହଯୋଗ କରିଥିଲେ । ତାଲୁକ ଆଇନ ସେବା କମିଟି ପକ୍ଷରୁ ପ୍ରଦୀପ କୁମାର ମୁଦୁଲି ଏହାକୁ ପରିଚାଳନା କରିଥିଲେ।



# ସଂସ୍ଥା ମାଲିକ, ପରିଚାଳକ ଗିରଫ

## ରୋଜଗାର ନାଁରେ ଅର୍ଥ ଶୋଷଣ ଅଭିଯୋଗ

■ନାମ ଲେଖାଇବା ବାବଦରେ ଜଣକା ୭,୫୦୦ ଟଙ୍କା ଲେଖାଏ ଆଦାୟ କରାଯାଉଥିଲା

ଜଗତ୍‌ସିଂହପୁର, ୧୪।୯ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁରଜଗତ୍‌ସିଂହପୁର ସହରର ଗାଲୁପଡ଼ାଠାରେ କାର୍ଯ୍ୟକ୍ଷମ ଥିବା ଲକ୍ଷ୍ମୀ ନାରାୟଣ ଏଣ୍ଟରପ୍ରାଇଜେସ୍ ନାମରେ ଏକ ସଂସ୍ଥା ଯୁବତୀ, ଯୁବକଙ୍କୁ ଶୋଷଣ କରିଚାଲିଥିଲା। ରୋଜଗାରର ଆଶା ଦେଖାଇ ଯୁବଗୋଷ୍ଠୀଙ୍କୁ ପରବର୍ତ୍ତୀ ସମୟରେ ଲୁଟୁ ଥିଲା। ଏପରି କି ତାଲିମ ନାଁରେ ଭଡା ଘରେ ରଖି ନିର୍ଯାତନା ଦେବା ଭଳି ସଙ୍ଗିନ ଅଭିଯୋଗ ହୋଇଛି। ଏକାଧିକ ବାର ଏହି ସଂସ୍ଥା ବିରୋଧରେ ସ୍ୱର ଉଠିବା ପରେ ଶେଷରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ମୁଖ୍ୟ ଅଭିଯୁକ୍ତ ତଥା ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ କୁଞ୍ଜକୋଠିରେ ମଦନ ଘନେଇ (୩୬) ଓ ସଂସ୍ଥା ପରିଚାଳକ ତଥା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ସଂସାରଫଳ ଗ୍ରାମର ଆଶୁତୋଷ ଦାସ (୨୭)ଙ୍କୁ ଗିରଫ ପରେ ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ କେତେକ ନକଲି କାଗଜାତ ଜବତ କରାଯାଇଥିବା ଆଇଆଇସି ଗୋକୁଳ ରଞ୍ଜନ ଦାସ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ରାୟଗଡ଼ା ଜିଲା ପଦ୍ମପୁରର ସୋନୁ ପାଣିଗ୍ରାହୀଙ୍କଠାରୁ ଜବରଦସ୍ତ ଅର୍ଥ ଆଦାୟ କରାଯାଇଥିବା ନେଇ ସେ ଏହି ସଂସ୍ଥା ବିରୋଧରେ ୬ ସେପ୍ଟେମ୍ବରରେ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ମାମଲା (ନଂ. ୮୫୯/୨୪) ରୁଜୁ କରିଥିଲା। ଅଭିଯୋଗ ଅନୁଯାୟୀ, ଉକ୍ତ ସଂସ୍ଥା ଯୁବଗୋଷ୍ଠୀଙ୍କୁ ସାବୁନ, ପେଷ୍ଟ, ତରକାରି ପାଉଡର ଓ ବଡି ଅଏଲ ଆଦିର ବିକ୍ରି ବାବଦରେ କମ୍ ମିଆଦୀ ଓରିଏଣ୍ଟେସନ୍ ପ୍ରୋଗ୍ରାମ ନାଁରେ ତାଲିମ ଦିଏ। ୧୮ରୁ ୨୫ ବର୍ଷର ବାଳିକା ଓ ବାଳକଙ୍କଠାରୁ ଏନେଇ ନାମ ଲେଖାଇବା ବାବଦରେ ଜଣକା ୭,୫୦୦ ଟଙ୍କା ଲେଖାଏଁ ଆଦାୟ କରାଯାଏ। ତା'ପରେ ଏକ କମ୍ବୋ ପ୍ୟାକରେ ବିଭିନ୍ନ ସାମଗ୍ରୀ ଦିଆଯିବା ଲାଗି ବ୍ୟବସ୍ଥା କରାଯାଏ। ଯେଉଁଥି ପାଇଁ ଜଣକା ଅତିରିକ୍ତ ୮ ହଜାର ଟଙ୍କା ଲେଖାଏଁ ଦେବାକୁ ପଡ଼ିଥାଏ। ଯଦି କୌଣସି ବ୍ୟକ୍ତି ଏହି ଚେନ୍ ବ୍ୟବସାୟରେ ରାଜି ନ ହୁଅନ୍ତି ତେବେ ସେମାନେ ଜମା କରିଥିବା ଅର୍ଥରାଶି ଫେରସ୍ତ ପାଇବେ ନାହିଁ ବୋଲି କୁହାଯାଇଥିଲା। ସୋନୁ ଏଥିରେ କ୍ଷତିଗ୍ରସ୍ତ ହୋଇ ଥାନାର ଆଶ୍ରୟ ନେଇଥିଲେ। ପୋଲିସ ତଦନ୍ତ ସମୟରେ ସଂସ୍ଥା ମାଲିକ ଏବଂ ପରିଚାଳକ କୌଣସି ଠିକ୍ କାଗଜପତ୍ର ଦେଖାଇ ପାରି ନ ଥିଲେ। ତେଣୁ ଗତ ୧୩ରେ ଉଭୟଙ୍କୁ ଗିରଫ କରାଯାଇଛି। ମାତ୍ର ଏହି ରାକେଟର ଚେର କେତେ ଦୂର ଲମ୍ବିଛି ସେନେଇ ପୋଲିସ ତନାଘନା ଆରମ୍ଭ କରିଛି।

# ବ୍ଲକ ଅଧ୍ୟକ୍ଷଙ୍କ ତଦନ୍ତ ରିପୋର୍ଟକୁ ଯାଞ୍ଚ କର: କଂଗ୍ରେସ

## ଠିକାଦାର-କନିଷ୍ଠ ଯନ୍ତ୍ରୀ ଅଡିଓ ଭାଇରାଲ ପ୍ରସଙ୍ଗ

ଜଗତ୍‌ସିଂହପୁର, ୧୪।୯ (ପ୍ରମୋଦ କୁମାର ନାୟକ)

ଗତ କିଛି ଦିନ ହେଲା ଜଣେ ମହିଳା କନିଷ୍ଠ ଯନ୍ତ୍ରୀଙ୍କ ସହ ଜଣେ ଠିକାଦାରଙ୍କ ବାର୍ତ୍ତାଳାପ ଅଡିଓ ଭାଇରାଲ ହେବାରେ ଲାଗିଛି। ଏହି ବାର୍ତ୍ତାଳାପରେ ଉଭୟ ଚତୁରତାର ସହ କଥା ହେଉଥିବା ବାରି ହୋଇ ପଡୁଛି। ବିଶେଷକରି ମହିଳା କନିଷ୍ଠ ଯନ୍ତ୍ରୀ କମ୍ କଥା ସାଙ୍ଗକୁ ଠାରରେ କିଛି କଥା କହିବାକୁ ଚେଷ୍ଟା କରିଛନ୍ତି। ଏଥିରେ ଠିକାଦାରଜଣକ ପରୋକ୍ଷରେ ପିସି ୧୦% ଦାବି କରୁଥିବା ଜଣାପଡ଼ୁଛି। ସେ କହୁଛନ୍ତି, ସୌମ୍ୟ ବାବୁ ୧୦% କାଟିବା ଉପରେ ଫୋନ କରି କହିଥିଲେ। ଏହି ଅବସରରେ ସେ ମ୍ୟାଡାମଙ୍କ ସହ ପୂର୍ବରୁ ୭% ବିଷୟରେ କଥା ହୋଇଥିବା ମନେ ପକାଇ ଦେଇଥିଲେ। ଏହି ଛଳରେ ସେ କହିଥିଲେ ପୂର୍ବରୁ ମ୍ୟାଡାମ ୭% କହିଥିବାବେଳେ ଏବେ ୧୦% ଦାବି କରାଯାଉଛି। ସୌମ୍ୟ ବାବୁ ଏହି ଦାବି କରୁଛନ୍ତି। ଏହି ସମୟରେ କନିଷ୍ଠ ଯନ୍ତ୍ରୀ ଅସହାୟତାପୂର୍ଣ୍ଣ ଭାବେ ସ୍ପଷ୍ଟ କରିଥିଲେ ଯେ ଅଧ୍ୟକ୍ଷ ସମସ୍ତଙ୍କ ପାଇଁ ୧୦ କରିଛନ୍ତି। କିନ୍ତୁ ଠିକାଦାର କାମ (୭.୫ ଲକ୍ଷ ଟଙ୍କାର) ଭଲ ହୋଇଥିବା ଦର୍ଶାଇ ୭%ରେ ସୀମିତ ରଖିବାକୁ କନିଷ୍ଠ ଯନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ତେବେ ଏହି ଅଡିଓକୁ ସଂଗ୍ରହ କରି ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ନିଜ ଆଡକୁ ଟାଣି ନେଇଛନ୍ତି। ସେ ନିଜ ଆଡୁ ଏହାର ତଦନ୍ତ କରି ଗତ ୭ ତାରିଖରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ତଥା ସିଡିଓଙ୍କୁ ରିପୋର୍ଟ (ଚିଠି ନଂ. ୬/ଟିଆରଏଲ୍/ସିଏମ୍/୨୦୨୪) ପ୍ରଦାନ କରିଛନ୍ତି। ଏହା ଉପରେ ଜଗତ୍‌ସିଂହପୁର କଂଗ୍ରେସ ପ୍ରତିକ୍ରିୟା ପ୍ରକାଶ କରିଛି।

ଶନିବାର ସ୍ଥାନୀୟ ଏକ ମଣ୍ଡପ ପରିସରରେ ଖବରଦାତା ସମ୍ମିଳନୀ ମାଧ୍ୟମରେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷଙ୍କ ତଦନ୍ତ ରିପୋର୍ଟକୁ ଉଚ୍ଚସ୍ତରରେ ଯାଞ୍ଚ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଦଳ ଜିଲା ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ କୁହାଯାଇଥିଲା, ଅଡିଓରେ ବ୍ଲକ ନାଁ ସ୍ପଷ୍ଟ ନାହିଁ। କିନ୍ତୁ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ଏଥିରେ ହସ୍ତକ୍ଷେପ କରିଛନ୍ତି। ତିର୍ତ୍ତୋଲ ବ୍ଲକ କନିଷ୍ଠ ଯନ୍ତ୍ରୀ ଚିନ୍ମୟୀ ଦ୍ୱିବେଦୀଙ୍କ ସହ ଠିକାଦାର ତଥା ତିର୍ତ୍ତୋଲ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ପୁଟିଂ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ବାର୍ତ୍ତାଳାପ କଥା ଅଧ୍ୟକ୍ଷ କେମିତି ଜାଣିଲେ ବୋଲି ପ୍ରଶ୍ନ କରାଯାଇଛି। ଯଦି ତିର୍ତ୍ତୋଲ ବ୍ଲକ ଏବଂ ଏହି ବ୍ଲକର ଅଧ୍ୟକ୍ଷଙ୍କ ପଦବୀକୁ ନେଇ ବାର୍ତ୍ତାଳାପ ହୋଇଥିଲା ତେବେ ତୃତୀୟ ପକ୍ଷ ଅର୍ଥାତ୍ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯିବା ଉଚିତ। କିନ୍ତୁ ଏହା ପରିବର୍ତ୍ତେ ଅଧ୍ୟକ୍ଷ ନିଜେ ପକ୍ଷ ହୋଇ ତଦନ୍ତ କରି ରିପୋର୍ଟ ଜିଲା ପରିଷଦକୁ ପଠାଇବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରାଯାଇଛି। ସବୁଠାରୁ ବଡ କଥା ହେଲା, ଏହି ରିପୋର୍ଟରେ ସିଧାସଳଖ ଜଣେ ମହିଳା କନିଷ୍ଠ ଯନ୍ତ୍ରୀଙ୍କୁ ଦୋଷାରୋପ କରାଯାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଧ୍ୟକ୍ଷ ସୁପାରିଶ କରିଛନ୍ତି। କାହା ନିର୍ଦ୍ଦେଶରେ ଅଧ୍ୟକ୍ଷ ନିଜ ଆଡୁ ତଦନ୍ତ କରି ଜିଲା ପରିଷଦକୁ ଏଭଳି ସୁପାରିସ କରିଛନ୍ତି ତା'ର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ କଂଗ୍ରେସ ଦାବି କରିଛି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକ, ପିସିସି ସଭ୍ୟ ତଥା ପଞ୍ଚାୟତ ସମିତି ସଭ୍ୟ ଦେବ ପ୍ରସାଦ ନାୟକ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ପୂର୍ବତନ ଯୁବ କଂଗ୍ରେସ ସଭାପତି ତଥା ମୁଳିସିଂ ସମିତି ସଭ୍ୟ ସାଫି ଆଜାମ, ଗରାମ ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚଇନି, ତୁଳଙ୍ଗ ସମିତିସଭ୍ୟ ଦେବ ପ୍ରସାଦ ପାଳ, ମୂଳିସିଂ ସମିତି ସଭ୍ୟ ରଞ୍ଜନ କୁମାର ସାହୁ, ମଣିଜଙ୍ଗା ସମିତି ସଭ୍ୟ ନଚିକେତା ଦାସ, ପିପ୍ପଳ ସମିତି ସଭ୍ୟ ସୁନିଶ୍ଚିତା ସାହୁ, କଂଗ୍ରେସ ନେତା ବେଦଦ୍ୟୁତି ପୃଷ୍ଟି, ସୌମ୍ୟ ରାଟସିଂହ, ସୁଭାସିଷ ସ୍ୱାଇଁ, ରିଙ୍କୁ ପାଳ, ରାକେଶ ସ୍ୱାଇଁ ଓ ସାଇ ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କଂଗ୍ରେସର ନେତୃମଣ୍ଡଳୀ।

## ସଂକ୍ଷେପରେ

### ଯୋଗ ଦେଲେ ୭ ନୂଆ ସିଆରସିସି

ଶେରଗଡ,୧୪ା୯(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ୭ ଜଣ ନୂଆ ସିଆରସିସି ଯୋଗ ଦେଇଛନ୍ତି। ଜଗନ୍ନାଥ ସେଠୀ ଶେରଗଡ କ୍ଲଷ୍ଟର, ସୁଜିତ ପଣ୍ଡାଙ୍କୁ ରାମଚନ୍ଦ୍ରପୁର, ପପୁନ ପାଣିଗ୍ରାହୀ ଠୁରୁବୁରାଇ, ବିନୋଦ ସେନାପତିଙ୍କୁ ପିଉଳ, ପ୍ରତାପକୁମାର ପଲେଇଙ୍କୁ ବି.ବ୍ରହ୍ମପୁର, ଟି.ଈଶ୍ୱରୀ ପାତ୍ର ତାକରଡା, ପ୍ରଭାକର ସେଠୀଙ୍କୁ କରଡାକଣା କ୍ଲଷ୍ଟର ଦାୟିତ୍ୱ ପ୍ରଦାନ କରାଯାଇଛି।

### ସାକ୍ଷରତା ଦିବସ ପାଳିତ

କୋଦଳା,୧୪ା୯(ଅମିତ କୁମାର ପଟ୍ଟନାୟକ):

ଯୁବ ରେଡକ୍ରସ୍ ତରଫରୁ ବେଗୁନିଆପଡା ଜନତା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଅଭିମନ୍ୟୁ ସ୍ୱାଇଁଙ୍କ ସଭାପତିତ୍ୱରେ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଅତିଥିମାନଙ୍କ ମଧ୍ୟରେ ମମତା କୁମାରୀ ପାଢ଼ୀ, ପ୍ରବୀଣ କୁମାର ଖାଡ଼ଙ୍ଗା, ଜ୍ୟୋତ୍ସ୍ନା ନାୟକ, ଅରୁଣ କୁମାର ମଣ୍ଡଳ, ରଷିନାଥ ଚର୍ଚ୍ଚି, ପି. ରାଜେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମାନବ ଜୀବନରେ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ପରିଶେଷରେ ଯୁବ ରେଡକ୍ରସ ପରାମର୍ଶଦାତା ସୂର୍ଯ୍ୟ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ସାପ କାମୁଡ଼ାରେ ଯୁବକ ମୃତ

ଛତ୍ରପୁର,୧୪ା୯(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଛତ୍ରପୁର ବ୍ଲକ ଅଗସ୍ତି ନୂଆଗାଁର ଜଣେ ଯୁବକଙ୍କ ସାପ କାମୁଡ଼ାରେ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ଡମ୍ବରୁ ନାହାକଙ୍କ ପୁଅ ଉତ୍ତମ ନାହାକ(୨୦)। ପରିବା ତୋଳିବା ସମୟରେ ଉତ୍ତମଙ୍କୁ କୌଣସି ଏକ ସାପ କାମୁଡି ଦେଇଥିଲା। ସଙ୍ଗେ ସଙ୍ଗେ ଡମ୍ବରୁଙ୍କ ସମେତ ସ୍ଥାନୀୟ ଲୋକ ତାଙ୍କୁ ଛତ୍ରପୁର ମେଡିକାଲକୁ ନେଇଥିଲେ। ସେଠାରେ ଉତ୍ତମଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ଏମ୍‌କେସିଜି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଉତ୍ତମଙ୍କୁ ମୃତ ଘୋଷଣା କରିଥିଲେ।

### ମୋହନା ବ୍ଲକ ଗସ୍ତ କରି ସମୀକ୍ଷା କଲେ ଜିଲାପାଳ

ମୋହନା,୧୪ା୯(ମନ୍ମଥ ମିଶ୍ର)

ଗଜପତି ଜିଲାପାଳ ବିଜୟ କୁମାର ଦାସ ଶନିବାର ଦିନିକିଆ ମୋହନା ବ୍ଲକ ଗସ୍ତରେ ଆସି ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସହ ଜିଲା ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଥିଲେ। ଜିଲାପାଳ ମୋହନା ବିଡିଓ ରାଜୀବ ଦାସ, ତହସିଲଦାର ସତ୍ୟବାନ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ ଶତପଥୀ, ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ସ୍ଥାନୀୟ ଆଦିବାସୀମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇ ସମସ୍ୟା ସମାଧାନ ଲାଗି ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ଜିଲାପାଳ ମୋହନା ବ୍ଲକ ଅନ୍ତର୍ଗତ ଜିରାଙ୍ଗ, ଲବାରସିଂ, ମାଣିକପୁର ପଞ୍ଚାୟତର କମାରଖାଲ ଓ ବାଲିଗଣ୍ଡା ଗ୍ରାମ ଗସ୍ତ କରିଥିଲେ। ଆକିଲି ସହ ମୋହନା ପଞ୍ଚାୟତ ଓ ମୋହନାର ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଅଞ୍ଚଳର ମକା ଚାଷୀଙ୍କ ସହ ଆଲୋଚନା କରିଥିଲେ।

# ଲୋକ ଅଦାଲତରେ ଫଇସଲା ହେଲା ୫୫୩ ମାମଲା

ଭଞ୍ଜନଗର/ଛତ୍ରପୁର, ୧୪ା୯(ବାବୁଲା ପ୍ରଧାନ/ ଦିଲ୍ଲୀପ ସାମଲ)

ଭଞ୍ଜନଗର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତ ପରିସର ଏବଂ ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଉଭୟ ଲୋକ ଅଦାଲତରେ ମୋଟ ୫୫୩ ମାମଲାର ଫଇସଲା ହୋଇଛି। ଭଞ୍ଜନଗର ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ଦେବଦତ୍ତ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଦେୱାନୀ ଜଜ୍ ଦେବାଶିଷ ବିଷୋୟୀ,ଏସ୍‌ଡିଜେଏମ୍ ଅମିତ କୁମାର,ଜେଏମ୍‌ଏଫ୍‌ସି ଭିଏନା ନାୟକ ଉପସ୍ଥିତ ରହି ୫୦୦ ମାମଲାର ବିଚାର କରି ରାୟ ଶୁଣାଇଥିଲେ। ମୋଟର ଦୁର୍ଘଟଣାଜନିତ ୩୦ଟି ମାମଲାର କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ୧ କୋଟି ୪୩ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ ପାଇଁ ବୀମା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ୟାଙ୍କ ଋଣ ମାମଲା ୭ଟି ଫଇସଲା କରାଯାଇ ୧୬ ଲକ୍ଷରୁ ଊର୍ଦ୍ଧ୍ୱ ବକେୟା ଟଙ୍କା ଆଦାୟ କରାଯାଇଛି। ୨୮୮ଟି ରାଜସ୍ୱ, ୧୬୩ଟି ଫୌଜଦାରି ଓ ୬ଟି ଅନ୍ୟାନ୍ୟ ମାମଲା ମଧ୍ୟ ଫଇସଲା କରାଯାଇଛି। ଲୋକ ଅଦାଲତ ବେଞ୍ଚ ସଦସ୍ୟ ଡ.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ରମେଶ ଚନ୍ଦ୍ର ପଣ୍ଡା, ତାଲୁକ ଆଇନ ସେବା କମିଟି ସଦସ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ, ଓକିଲ ସଂଘ ସଭାପତି ଶୈଳେନ୍ଦ୍ର ନାରାୟଣ ସାହୁ, ଆଇନଜୀବୀ ବଂଶୀଧର ପ୍ରଧାନ, ସନ୍ତୋଷ ତିଆଡି, ଶୁଦ୍ଧି ରଞ୍ଜନ ମହାପାତ୍ର, ରଜନୀ ପଟ୍ଟନାୟକ, ଅରୁଣ ପାଢ଼ୀ, ସମୀର ନାୟକ, ପ୍ରକାଶ ମହାପାତ୍ର, ବନବାସୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଦିତ୍ୟ ନାରାୟଣ ରଥ, ସୁନୀଲ ମୁଦୁଲି, ଇ. ରାମା ରାଓ, ରାକେଶ ପ୍ରସାଦ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରା ଜଜ୍ ମନୋରଞ୍ଜନ ଦାଶ, ସିନିୟର ସିଭିଲ ଜଜ୍ ପୂଜା ଦେ, ଏସ୍‌ଡିଜେଏମ୍ ପ୍ରୀତିଶ ରଥ ଓ ଜେଏମ୍‌ଏଫ୍‌ସି ସାଗରିକା ସ୍ୱାଇଁ ଉପସ୍ଥିତ ରହି ବିଚାର ପାଇଁ ଆସିଥିବା ୧୨୦ ମାମଲାରୁ ୫୩ଟି ଫଇସଲା କରିଥିଲେ। ଏହି ବାବଦରେ ୧୦ ଲକ୍ଷ ୭୫ ହଜାର ୭୨୨ ଟଙ୍କା ଆଦାୟ ହୋଇଛି। ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାଠାରୁ ଆରମ୍ଭ କରି ବିଭିନ୍ନ ମାମଲାର ଫଇସଲା ଲୋକ ଅଦାଲତରେ ହୋଇଥିଲା। ଲୋକ ଅଦାଲତ ବେଞ୍ଚ ମେମ୍ବର ଗୋକୁଳ ଚନ୍ଦ୍ର ପଣ୍ଡା, ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ ପାଢ଼ୀ, ସୁରଜିତ ସାମନ୍ତରାୟ,ନିତ୍ୟାନନ୍ଦ ମୁଦୁଲି ଓ ଡ଼ମିନାଥ ସାହୁ ମାମଲାଗୁଡ଼ିକର ପରିଚାଳନା କରିଥିଲେ ।



ଭଞ୍ଜନଗରରେ ବିଚାରପତିମାନେ ମାମଲାଗୁଡ଼ିକର ବିଚାର କରୁଛନ୍ତି।

## ଅନାସ୍ଥା ପୂର୍ବରୁ ଉଚ୍ଚ ନ୍ୟାୟାଳୟରୁ ସରପଞ୍ଚଙ୍କୁ ମିଳିଲା ଆଶ୍ୱସ୍ତି

ବେଲଗୁଣ୍ଠା,୧୪ା୯(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ):

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ୍ ଆମ୍ବପୁଆ ପଞ୍ଚାୟତର ସରପଞ୍ଚ ନଳିନୀ ବେହେରାଙ୍କ ବିରୋଧରେ ଗତ ଅଗଷ୍ଟ ୧୬ରେ ପଞ୍ଚାୟତର ୧୯ ୱାର୍ଡରୁ ୧୫ ଜଣ ୱାର୍ଡ଼ସଭ୍ୟ ଭଞ୍ଜନଗର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରି ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଦୁଇ ତୃତୀୟାଂଶ ସଭ୍ୟଙ୍କ ସ୍ୱାକ୍ଷରିତ ଏକ ପତ୍ରକୁ ତର୍ଜମା କରିବା ପରେ ଉପଜିଲାପାଳ ଏହାକୁ ଗ୍ରହଣ କରିଥିଲେ। ତେବେ ଅନାସ୍ଥା ପୂର୍ବରୁ ସରପଞ୍ଚଙ୍କୁ ଉଚ୍ଚ ନ୍ୟାୟାଳୟରୁ ଆଶ୍ୱସ୍ତି ମିଳିଛି। ଏହା ଉପରେ ନ୍ୟାୟାଳୟ ସ୍ଥଗିତାଦେଶ ଜାରି କରିଛନ୍ତି। ଖବରରୁ ଜଣାପଡିଛି, ୱାର୍ଡସଭ୍ୟମାନଙ୍କ ଅଭିଯୋଗ ଅନୁସାରେ ଶନିବାର ଭୋଟିଂ ପାଇଁ ଉପଜିଲାପାଳ ଦିନ ଧାର୍ଯ୍ୟ କରିଥିଲେ। ଏଥିପାଇଁ ଶୁକ୍ରବାର ସକାଳେ ଆମ୍ବପୁଆ ପଞ୍ଚାୟତ କାର୍ଯ୍ୟାଳୟରେ ବେଲଗୁଣ୍ଠା ବିଡିଓ ଭାରତୀ ଦେବୀ ପହଞ୍ଚିଥିଲେ। ପ୍ରିଜାଇଡ଼ିଂ ଅଫିସର୍ ଦାୟିତ୍ୱରେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ ଥିବା ବେଳେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବେଲଗୁଣ୍ଠା ଥାନା ଅଧିକାରୀ ବନ ବିହାରୀ ପ୍ରଧାନ ସଦଳବଳେ ଉପସ୍ଥିତ ଥିଲେ। ଭଞ୍ଜନଗର ଡେପୁଟି କଲେକ୍ଟର ଅମିତ୍‌ରାମ ହୋତା ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ରହିଥିଲେ। ମାତ୍ର ଶୁକ୍ରବାର ସରପଞ୍ଚ ନଳିନୀ ବେହେରା କଟକ ଉଚ୍ଚ ନ୍ୟାୟାଳୟରୁ ଅନାସ୍ଥା ପ୍ରସ୍ତାବ ବିରୋଧରେ ସ୍ଥଗିତାଦେଶ ଆଣିଥିଲେ। ଆସନ୍ତା ୧ ତାରିଖରେ ଏହାର ଶୁଣାଣି ପର୍ଯ୍ୟନ୍ତ ଅନାସ୍ଥା ଭୋଟ୍ ହୋଇପାରିବ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟରୁ ମିଳିଥିବା ଆଦେଶ ପତ୍ର ପାଇବା ପରେ ଶନିବାର ଅନାସ୍ଥା ଭୋଟିଂ ପାଇଁ ଯାଇଥିବା ଅଧିକାରୀମାନେ ଫେରିଆସିଥିଲେ। ଆଗାମୀ ରାୟ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡିଛି।

## ଆକ୍ରମଣ ମାମଲାରେ ଅଭିଯୁକ୍ତ ଗିରଫ

ଆସିକା,୧୩ା୯(ସୁରେନ୍ଦ୍ର ନାଥ ସାହୁ)

କୋଟିନଡ଼ା ଥାନା ସୁତାକଳ-କଲେଜଛକ ରାସ୍ତାରେ ଭାଜପା ଯୁବନେତା ଶ୍ରୀନିବାସ ଭଞ୍ଜଙ୍କୁ ଆକ୍ରମଣ ମାମଲାରେ ଶୁକ୍ରବାର ପୋଲିସ ୩ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ କୋଟିନଡା ରୋଡ ସାହିର କହ୍ନେଇ ନାହାକ ଓ କେ.ଲଛମନପଲ୍ଲୀ ଗ୍ରାମର ସଂଗ୍ରାମ ବେହେରା ଏବଂ ଆନନ୍ଦ ସ୍ୱାଇଁ। ଗିରଫ ଅଭିଯୁକ୍ତଙ୍କ ବିରୋଧରେ କୋଟିନଡ଼ା ଥାନାରେ ନଂ.୨୩୮/୨୪ରେ ଏକ ମାମଲା ରୁଜୁ କରାଯାଇ ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ ୪ତାରିଖରେ ଶ୍ରୀନିବାସ ବାଇକ୍ ଯୋଗେ କଲେଜ ଛକ ଆସୁଥିଲା ବେଳେ ଗୋଟିଏ ବାଇକ୍‌ରେ ୩ଜଣ ଯୁବକ ତାଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଆହତ ଶ୍ରୀନିବାସଙ୍କୁ ପ୍ରଥମେ ଆସିକା ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା। ଘଟଣା ସମ୍ପର୍କରେ ଶ୍ରୀନିବାସ କୋଟିନଡ଼ା ପୋଲିସରେ ରାଜନୈତିକ ପ୍ରତିପକ୍ଷତାକୁ ନେଇ ତାଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ କରିଥିଲେ।

## ଦୁର୍ଗମ ଅଞ୍ଚଳରେ ଲୋକଙ୍କ ସମସ୍ୟା ବୁଝିଲେ ଜିଲାପାଳ



ବାଲିଗୁଡ଼ା,୧୪ା୯
(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ ବ୍ଲକ ଅଞ୍ଚଳର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ଜିଲାପାଳ ଅମ୍ରିତ ଋତୁରାଜ ଶନିବାର ଗସ୍ତରେ ଯାଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଡିଓ ଶୁଭକାନ୍ତ ନାୟକଙ୍କ ସହ ଅପରାହ୍ନରେ ସୁବର୍ଣ୍ଣଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ପରେ ଦୁର୍ଗମ ଜାକେଶୀ, ମାର୍ଲାଙ୍ଗା, ଓରା, ଜୁବାଗୁଡା, କଟାବାଡ଼ି ପର୍ତ୍ତମାହା ଯାଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହ ଜିଲାପାଳ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ସେ ଲୁଦୁ, ଦାରାବାଡ଼ି ପର୍ଯ୍ୟଟନ ସ୍ଥଳି ବୁଲି ଦେଖିଥିଲେ। ସନ୍ଧ୍ୟାରେ କୋଟଗଡ ବ୍ଲକକୁ ଫେରି ସମସ୍ତ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟରେ ଯୋଗ ଦେବାର ମାତ୍ର କିଛି ଦିନ ଭିତରେ କନ୍ଧମାଳର ନୂତନ ଜିଲାପାଳ ଋତୁରାଜ ଇତି ମଧ୍ୟରେ ୫୦ରୁ ଅଧିକ ଗ୍ରାମକୁ ଗସ୍ତ କରି ସାରିଲେଣି। ଅଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସିଆରପି, ଏମ୍‌ବିକେ, ମାଛ ଚାଷ, ଛେଳି ଚାଷ କରିବା ସହ ଫୁଲ ଚାଷ କରି କିଭଳି ସ୍ୱାବଲମ୍ବୀ ହୋଇପାରିବ ସେନେଇ ଆଲୋଚନା ବେଳେ ଜିଲାପାଳ ପରାମର୍ଶ ଦେଇଥିଲେ। କୋଟଗଡ଼ ବ୍ଲକରେ ସୋରିଷ ଫୁଲ, ସୂର୍ଯ୍ୟମୁଖୀ ଫୁଲ ଚାଷ କରିବା ପାଇଁ ଉର୍ବର ମାଟି ରହିଛି। ଏହା କିଭଳି ଅଧିକରୁ ଅଧିକ ଚାଷ ହୋଇପାରିବ ସେ ନେଇ ଗୁରୁତ୍ୱ ଦେବାକୁ ଉଦ୍ୟାନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜୀବନଜ୍ୟୋତି କଲେଜରେ ବିଶ୍ୱ ଫାଷ୍ଟଏଡ ଦିବସ

**ରାଇକିଆ,୧୪ା୯(ପ୍ରଦୀପ ବେହେରା)**

ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟଠାରେ ଯୁବ ରେଡକ୍ରସ ତରଫରୁ ଶନିବାର ବିଶ୍ୱ ଫାଷ୍ଟଏଡ ଦିବସ ପାଳନ ହୋଇଯାଇଛି । ଅଧ୍ୟାପକ ବିଶ୍ୱ ବିହାରୀ ଦଳାଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ମେଡିକାଲ ଅଫିସର ଶୁଭଲକ୍ଷ୍ମୀ ଧର୍ ମୁଖ୍ୟବକ୍ତା ଭାବେ ଯୋଗଦେଇ ଫାଷ୍ଟଏଡ ମାଧ୍ୟମରେ କିପରି ନିଜ ପରିବାରର ତଥା ଅନ୍ୟମାନଙ୍କ ଜୀବନ ବଞ୍ଚାଯାଇପାରିବ ସେ ନେଇ ସଚେତନତା ସୃଷ୍ଟି କରିବା ଏହି ଦିବସର ଲକ୍ଷ୍ୟ ବୋଲି କହିଥିଲେ। କଲେଜ ଅଧ୍ୟକ୍ଷ ପ୍ରଭାକର ରାଜୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ଉମାକାନ୍ତ ରଥ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଛାତ୍ର ଏବଂ କର୍ମଚାରୀମାନେ ଭାଗ ନେଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ପ୍ରମୋଦ ନାୟକ ପରିଚାଳନାରେ ସହଯୋଗ କରିଥିବା ବେଳେ ଅଧ୍ୟାପକ ସାରଙ୍ଗଧର ମାମାଲକା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ଲୋକ ଅଦାଲତ

### ଫୁଲବାଣୀରେ ୧୩ ଅର୍ଥ ଅସୁଲି ମାମଲାରେ ୮. ୩୨ ଲକ୍ଷ ଆଦାୟ

ଫୁଲବାଣୀ, ୧୪ା୯(ରାକେଶ କୁମାର ରାଉତ): ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଫୁଲବାଣୀ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ ମକଦ୍ଦମା ମାମଲା ମଧ୍ୟରୁ ୧୩ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୮ ଲକ୍ଷ ୩୨ ହଜାର ୬୧ ଟଙ୍କା, ୧୧ଟି ଜନ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ(ପି.ଏଲ୍.ଏ.) ମାମଲା ବିଚାର କରାଯାଇ ୧୧ ଲକ୍ଷ ୭୯ ହଜାର ୭୨୦ ଟଙ୍କା ଆଦାୟ କରାଯାଇଛି। ସେହିପରି, ଅଦାଲତରେ ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରୁ ଗୋଟିଏ ଏନ୍.ଆଇ. ଆକ୍ଟ ମାମଲାର ବିଚାର କରାଯାଇ ୩ ଲକ୍ଷ ୪ ହଜାର ୭୪୯ଟଙ୍କା, ୬ଟି ଅର୍ଥ ଅସୁଲି ମାମଲାରେ ୨ ଲକ୍ଷ ୩୧ ହଜାର ଟଙ୍କା, ୨ଟି ମୋଟର ଯାନ ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାରେ ୮ ଲକ୍ଷ ଟଙ୍କା ଆଦାୟ କରାଯାଇଛି । ୧୦୫ଟି ଅନ୍ୟାନ୍ୟ ଅପରାଧିକ ମାମଲାର ବିଚାର କରାଯାଇ ୬ ଲକ୍ଷ ୭ହଜାର ୫୦୦ଟଙ୍କା ଆଦାୟ ହୋଇଛି। ୧୪୦୨ଟି ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା ଏବଂ ୫ଟି ଅନ୍ୟାନ୍ୟ ସିଭିଲ୍ ମାମଲାର ବିଚାର କରାଯାଇଛି। ପ୍ରାକ୍ ମକଦ୍ଦମା ମାମଲା ମଧ୍ୟରୁ ୨୪ଟି ଓ ଅଦାଲତରେ ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରୁ ୧୫୩୦ଟି ମାମଲାର ଫଇସଲା ହୋଇଛି। ଜିଲା ଜଜ୍ ସତ୍ୟପୀର ମିଶ୍ର, ପାରିବାରିକ ଅଦାଲତ ବିଚାରପତି ଦେବଦତ ଦାସ ମହାପାତ୍ର, ଅତିରିକ୍ତ ଜିଲା ଜଜ୍ ଡଃ.ମୁନରାଣୀ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବନାଳୀ ତ୍ରିପାଠୀ, ସହକାରୀ ସେସନ୍ ଜଜ୍ ବିଶ୍ୱକଲ୍ୟାଣୀ ମିଶ୍ର, ପ୍ରିନ୍ସିପାଲ ମାଜିଷ୍ଟ୍ରେଟ୍ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ ନିତିଶା ଚନ୍ଦକ୍, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅନୁଶୀଳା ରୟ, ଏସ୍.ଡି.ଜେ.ଏମ୍ ସୁଶ୍ରୀ ସମୃଦ୍ଧି ସାଗରୀକାଙ୍କ କୋର୍ଟରେ ମାମଲା ଗୁଡ଼ିକର ବିଚାର କରାଯାଇଥିଲା।

### ଦିଗପହଣ୍ଡିରେ ୨.୯୭ ଲକ୍ଷ

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର):ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମାଜିଷ୍ଟ୍ରେଟ ନିଲିମା ଷଡ଼ଙ୍ଗୀ ଏହାକୁ ପରିଚାଳନା କରିଥିଲେ। ଏଥିରେ ୯ଟି ଫୌଜଦାରୀ ମାମଲାର ଫୈସଲା କରାଯିବା ସହ ୧୪ଟି ଋଣ ସମ୍ପର୍କିତ ମାମଲାର ଫୈସଲା କରାଯାଇ ୨ ଲକ୍ଷ ୯୭ ହଜାର ଟଙ୍କା ଆଦାୟ କରାଯାଇଥିଲା। ଖେମୁଣ୍ଡି ଓକିଲ ସଂଘ ସଭାପତି ହରପ୍ରସାଦ ରଥ, ସମ୍ପାଦକ ପ୍ରଦୀପ କୁମାର ନାୟକ, ଏପିପି ବିପ୍ଳବ କୁମାର ମୁଦୁଲି, ରିମାଣ୍ଡ ଆଡଭୋକେଟ ହେମନ୍ତ କୁମାର ପାଣିଗ୍ରାହୀ, ଆଇନଜୀବୀ ରବୀନ୍ଦ୍ର ନାଥ ପାଣିଗ୍ରାହୀ, ପରେଶ ଚନ୍ଦ୍ର ରଥ, ସନ୍ତୋଷ କୁମାର ସାହୁ, ବିଜୟ କୁମାର ପ୍ରଧାନ, ପ୍ରଦୀପ କୁମାର ମହାପାତ୍ର, ସଞ୍ଜୟ କୁମାର ପଣ୍ଡା, ମନୋରଞ୍ଜନ ପଣ୍ଡାଙ୍କ ସମେତ ବହୁ ଆଇନଜୀବି ଉପସ୍ଥିତ ଥିଲେ।

### ଆସିକାରେ ୭୯ ମାମଲାର ଫଇସଲା

**ଆସିକା,(ସୁରେନ୍ଦ୍ର ନାଥ ସାହୁ):** ଆସିକା ବିଚାର ବିଭାଗୀୟ ଅଦାଲତ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ଏହି ଅଦାଲତରେ ବିଚାର ଲାଗି ଆଗତ ୫୬୪ଟି ମାମଲା ମଧ୍ୟରୁ ୭୯ଟି ମାମଲାର ଫଇସଲା କରାଯାଇ ୯୧ଲକ୍ଷ ୫୨ ହଜାର ୭୨ ଟଙ୍କା ଆଦାୟ ହୋଇଥିବା ଜଣାଯାଇଛି। ଆସିକା ତାଲୁକା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅତିରିକ୍ତା ଜିଲା ଜଜ୍ ପ୍ରବୀର କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏହି ଲୋକ ଅଦାଲତର ବରିଷ୍ଠ ଦେୱାନି ବିଚାରପତି ସୌଦାମିନି ବିଶ୍ୱାଳ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୋନାଲି ବେହେରା, ଗିତାଳି ନାଇଡୁ ଏବଂ ଆଇନସେବା ପ୍ରାଧିକରଣର ସଦସ୍ୟ ବରିଷ୍ଠ ଆଇନଜୀବୀ ଇ. ଅନନ୍ତ ସୟନଂ ଓ ରଶ୍ମିତା ସେନାପତି ମାମଲାର ବିଚାର କରିଥିଲେ।

### କୋଦଳା,ବାଲିଗୁଡ଼ାରେ ୪୯ ମାମଲା ଫଇସଲା

**କୋଦଳା,(ଅମିତ କୁମାର ପଟ୍ଟନାୟକ):** ସ୍ଥାନୀୟ କୋର୍ଟ ପରିସରରେ ଅତିରିକ୍ତ ଜିଲା ବିଚାରପତି ବିଶ୍ୱରଞ୍ଜନ ବେହେରା, ସବ୍‌ଜଜ୍ ରେଖାରାଣୀ ପଣ୍ଡା, ପ୍ରଥମଶ୍ରେଣୀ ବିଚାରପତି ହିମାଂଶୁ ଶେଖର ଆଚାର୍ଯ୍ୟ ଉପସ୍ଥିତ ରହି ୨୭ଟି ମାମଲାର ଫଇସଲା କରିଥିଲେ। ଅତିରିକ୍ତ ସରକାରୀ ଓକିଲ ସୁବାସ ଚନ୍ଦ୍ର ସାହୁ, ନୀଳାଚଳ ପୋଲାଇ, ସ୍ୱପ୍ନ କୁମାର ମିଶ୍ରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

୨ଟି ମାମଲା ଫଇସଲା କରି ମୋଟ ୮ ଲକ୍ଷ

**ବାଲିଗୁଡା,(ସଞ୍ଜୟ କୁମାର ପାଣିଗ୍ରାହୀ):**ବାଲିଗୁଡା ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ବିଚାର ବିଭାଗୀୟ ଅଦାଲତରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ଶୁଭଶ୍ରୀ ତ୍ରିପାଠୀ ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଉଦ୍‌ଘାଟନ କରିବା ସହ ଅଦାଲତ ପରିଚାଳନା କରିଥିଲେ। ଏଡିଜେ ନିଜ ଅଦାଲତରେ ୨ଟି ମାମଲା ଫଇସଲା କରି ମୋଟ ୮ ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ସିଭିଲ ଜଜ ଅପୂର୍ବ ରାୟ (ସିନିୟର ଡିଭିଜନ) ର ନିଜ ଅଦାଲତରେ ୧ଟି ମାମଲା, ଏସଡିଜେଏମ ମହମ୍ମଦ ସାହାଫେଜଲ ନିଜ ଅଦାଲତରେ ୧୯ଟି ମାମଲା ବିଚାର କରି ଫଇସଲା କରିଥିଲେ।

## ଗୁମ୍ମା ବ୍ଲକରେ ବିଧାୟକଙ୍କ ସମୀକ୍ଷା

ଗୁମ୍ମା,୧୪ା୯(ପ୍ରବୀଣ କୁମାର ଲିମା)

ଗୁମ୍ମା ବ୍ଲକ ସଦର ମହକୁମାରେ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ମଧ୍ୟ ଇଂଲିଶ ବିଦ୍ୟାଳୟକୁ ଶନିବାର ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ପରିଦର୍ଶନ କରିଛନ୍ତି। ପ୍ରଥମେ ସେ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲା ବେଳେ ପ୍ରଧାନଶିକ୍ଷକ ଅନୁପସ୍ଥିତ ଥିବା, ବିଜ୍ଞାନାଗାର, ଲାଇବ୍ରେରି ବନ୍ଦ ଥିବା ଦେଖିଥିଲେ। ସେଠାର ଛାତ୍ରାବାସରେ ମଧ୍ୟାହ୍ନଭୋଜନ ମିଳୁନଥିବା, ଶିକ୍ଷକ ଅଭାବ, ଲାଇବ୍ରେରିରେ ଖବରକାଗଜ ନ ଥିବା, ଖେଳପଡ଼ିଆର ଅଭାବ, ପିଇବା ପାଣି ଅସୁବିଧା, ଶୌଚାଳୟରେ ପାଣି ଆସୁନଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଥିଲେ। ସେହିପରି ଉକ୍ତ ବିଦ୍ୟାଳୟରେ ପ୍ରାୟ ଶ୍ରେଣୀ ଗୃହଗୁଡ଼ିକରେ ଛାତରୁ ପାଣି ଗଳୁଥିବା, ପଙ୍ଖା ଖରାପ ଥିବା, ବିଦ୍ୟାଳୟ ପରିବେଶ ପରିଷ୍କାର ପରିଚ୍ଛନ୍ନ ନ ଥିବା, ଶୌଚାଳୟ ପରିଷ୍କାର ନ ଥିବା, ବିପଜ୍ଜନକ ପରିବେଶରେ ପିଲାମାନେ ପାଠ ପଢୁଥିବା, କଳପଟାରେ ପିଲାମାନେ ପାଠ ପଢି ପାରୁ ନ ଥିବା, ବିଦ୍ୟାଳୟ ଛାତ ଉପରେ ଗଛ ଉଠିଥିବା ଦେଖିଥିଲେ। ତୁରନ୍ତ ଏଗୁଡ଼ିକ ସମାଧାନ ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀ ନୟନ ରଞ୍ଜନ ମଣ୍ଡଳ ଓ ଉପସ୍ଥିତ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି ବିଧାୟକ।

## କଳିଙ୍ଗାରେ ପୋଲିସ ଆଉଟ୍‌ପୋଷ୍ଟ ଖୋଲିବାକୁ ଦାବି

ଜି.ଉଦୟଗିରି,୧୪ା୯(ଶିଶିର ପଟ୍ଟନାୟକ)

ଗଞ୍ଜାମ ଓ କନ୍ଧମାଳ ଜିଲାର ପ୍ରବେଶ ଦ୍ୱାର ଭାବେ ପରିଚିତ କଳିଙ୍ଗାଠାରେ ଏକ ପୋଲିସ ଆଉଟପୋଷ୍ଟ ଖୋଲିବାକୁ ଦୀର୍ଘଦିନ ହେବ ସାଧାରଣରେ ଦାବି ହୋଇଛି। କିନ୍ତୁ ଏ ଯାଏ ସେଠାରେ ଆଉଟ ପୋଷ୍ଟଟିଏ ଖୋଲି ନାହିଁ। ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଦୁର୍ଗାପ୍ରସାଦଠାରୁ କନ୍ଧମାଳ ଜିଲାର ଜି.ଉଦୟଗିରି ଥାନା ଅନ୍ତର୍ଗତ ୧୧ କିଲୋମିଟର କଳିଙ୍ଗା ଘାଟି ଏକ ନିର୍ଜନ ଅଞ୍ଚଳ। ଏହି ରାସ୍ତାରେ ଅଧିକାଂଶ ସମୟରେ ଲୁଟ ଓ ଡକାୟତି ହୁଏ। ପୁଣି ଏହି ବିପଦପୂର୍ଣ୍ଣ ଘାଟିରେ ପ୍ରତ୍ୟେକ ମାସରେ ଦୁର୍ଘଟଣା ଘଟି ଅନେକ ଧନ ଜୀବନ କ୍ଷତି ହୁଏ। ଏପଟେ କଳିଙ୍ଗା ଛକରେ ଫୁଲବାଣୀ, ଭବାନୀପାଟଣା, ବ୍ରହ୍ମପୁର ଓ କଟକ ଅଭିମୁଖେ ଯିବା ପାଇଁ ଏହି ତିନି କୋଣିଆ ଛକରେ ଯାତ୍ରୀମାନେ ରାତ୍ର ଅପେକ୍ଷା କରି ରହନ୍ତି। ଅନେକ ସମୟରେ ସେମାନେ ଅସାମାଜିକ ଲୋକଙ୍କ ଦ୍ୱାରା ଅସୁବିଧାରେ ପଡନ୍ତି। ତେଣୁ ସେଠାରେ ଏକ ପୋଲିସ ଆଉଟ ପୋଷ୍ଟ ସହ ପୋଲିସ ପେଟ୍ରୋଲିଙ୍ଗ ଭେନ ଯୋଗାଇବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜି.ଉଦୟଗିରି ପୋଲିସ ଏସଡିପିଓ ବିଜୟ କୁମାର ବିଶିଙ୍କୁ ପଚାରିବାରୁ ସେଠାରେ ଏକ ପୋଲିସ ବିଟ ହାଉସ ଅଛି, ଆଉଟପୋଷ୍ଟ ଖୋଲିବା ନେଇ ପୋଲିସ ବିଭାଗ ନିଷ୍ପତ୍ତି ନେଇପାରିବ, ସେ ସମ୍ପର୍କରେ କିଛି କହିପାରିବେ ନାହିଁ ବୋଲି କହିଥିଲେ।

## ପଞ୍ଚାୟତରେ ଟାୱାର ନାହିଁ, ସହରରେ ଭିଡ଼

ପାରଳାଖେମୁଣ୍ଡି,୧୪ା୯
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ ସୁଭଦ୍ରା ଯୋଜନାରେ ଆବେଦନ କରିବାକୁ ସମସ୍ତ ବ୍ଲକ ଓ ସଦର ମହକୁମାସ୍ଥିତ ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ୍ ପରିସରରେ ଥିବା ଆଧାର ସେଣ୍ଟରରେ ମୋବାଇଲ ନମ୍ବର ସଂଯୋଗ ଓ ଆଧାର କାର୍ଡ ଆଧାରିତ ଆକାଉଣ୍ଟ ନମ୍ବର ପାଇଁ ମହିଳାଙ୍କ ଭିଡ ଦେଖିବାକୁ ମିଳୁଛି। ଜିଲାର ଗୋସାଣି ବ୍ଲକ, ଗୁମ୍ମା ବ୍ଲକଠାରେ ଗୋଟିଏ ଗୋଟିଏ ଆଧାର ସେଣ୍ଟର ଥିବାରୁ ଅନେକ ପଞ୍ଚାୟତର ଲୋକେ ଏଠାକୁ ଆସୁଛନ୍ତି। ଅନ୍ୟପକ୍ଷରେ ଅଧିକାଂଶ ପଞ୍ଚାୟତରେ ମୋବାଇଲ ଟାୱାର ନ ଥିବା ହେତୁ ଇ-କେୱାଇସି ସୁଭଦ୍ରା ଆବେଦନ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଛି। ଗ୍ରାମାଞ୍ଚଳରେ ଅନ୍‌ଲାଇନରେ ସୁଭଦ୍ରା ଆବେଦନ ଓ ଇ-କେୱାଇସି ସଂଶୋଧନ କରିବା କଷ୍ଟକର ହୋଇପଡୁଥିବା ହିତାଧିକାରୀମାନେ ପ୍ରକାଶ କରିଛନ୍ତି। ଆବେଦନ ଲାଗି ସରକାର ନିଃଶୁଳ୍କ ବ୍ୟବସ୍ଥା କରିଥିଲେ ମଧ୍ୟ କେତେକ ଜନସେବା କେନ୍ଦ୍ର ହିତାଧିକାରୀଙ୍କଠାରୁ ଅର୍ଥ ଆଦାୟ କରୁଥିବା ଅଭିଯୋଗ ହେଉଛି। ତେବେ ପ୍ରିଣ୍ଟ, ଜେରକ୍ସ, ବିଦ୍ୟୁତ୍ ଖର୍ଚ୍ଚ ବାବଦରେ କିଛି ଅର୍ଥ ହିତାଧିକାରୀଙ୍କଠାରୁ ନେଉଛୁ ବୋଲି ଜନସେବା କେନ୍ଦ୍ର କର୍ମଚାରୀ କହିଛନ୍ତି।

## ଜଳକର ଦେଇ କେନାଲ ପାଣି ପାଉନି ଚାଷୀ

ଖଜୁରିପଡ଼ା, ୧୪ା୯( ବିଦୁର ବେହେରା )

ସରକାର କୃଷିର ଉନ୍ନତି ପାଇଁ ବହୁ ଅର୍ଥ ଖର୍ଚ୍ଚ କରି ଡ୍ୟାମ ନିର୍ମାଣ କରୁଛନ୍ତି। ଚାଷୀମାନେ ଯେପରି ପ୍ରତ୍ୟେକ ସମୟରେ ପାଣି ପାଇ ରବି ଓ ଖରିଫ ଋତୁରେ ଚାଷ କରିବେ ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି। ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଚାଷ ଜମିକୁ ପାଣି ପହଞ୍ଚି ପାରୁନାହିଁ। ଫଳରେ ଚାଷୀମାନେ ହଇରାଣ ହେବା ସହ ଚାଷକାର୍ଯ୍ୟ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏପରି ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଗଣ୍ଡାକାଠି, ଟିଗ୍ରା ପଙ୍ଗା, କଲାଡ଼ି, ତିଳକପଡା ଏବଂ ଘୁଡ଼ାଗାଡୁ ଗ୍ରାମରେ।

ବୁରୁପଦାଠାରେ ୧୯୭୪ରେ ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ସରକାର ପିଲା ସଲୁଙ୍କି ଡ୍ୟାମ ନିର୍ମାଣ କଲେ । ଏହି ଗ୍ରାମରେ ଚାଷ ଉପରେ ନିର୍ଭର କରି ଚଳୁଥିବା ଚାଷୀମାନେ ବର୍ଷକୁ ବାର ମାସ ପିଲା ସଲୁଙ୍କି ଡ୍ୟାମରୁ କେନାଲ ମାଧ୍ୟମରେ ପାଣି ପାଇ ରବି ଏବଂ ଖରିଫ ଋତୁରେ ଚାଷ କରି ଆସୁଥିଲେ। ଏଥିପାଇଁ ସେମାନେ ମଧ୍ୟ ସରକାରଙ୍କୁ ଜଳକର ଦେଉଥିଲେ। ରବି ଋତୁରେ ବାଡ଼ି ବଗିଚାରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରୁଥିଲେ। ଖରିଫ ଋତୁରେ କେନାଲରୁ ପାଣି ମାଡି ଭଲ ଧାନ ମଧ୍ୟ ଅମଳ ହେଉଥିଲା। କିଛି ବର୍ଷ ହେବ ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଯୋଗୁ ଆଉ କେନାଲରେ ପାଣି ଆସୁ ନାହିଁ। ଚାଷଜମିରେ ପାଣି ମଡ଼େଇବା କଷ୍ଟକର ହୋଇପଡୁଛି। ରବି ଋତୁରେ ପନିପରିବା ଚାଷ କରିବା ଆଉ ସମ୍ଭବ ହେଉନାହିଁ। ଖରିଫ ଋତୁରେ ପାଣି ନ ପାଇ ଧାନ ଚଳି ପୋଡ଼ି ଯାଉଛି। ଆଉ ଆଗ ଭଳି ପନିପରିବା ଚାଷ ହେଉ ନାହିଁ କି ଧାନ ଚାଷ ମଧ୍ୟ ହେଉନାହିଁ। କ୍ରମେ ଚାଷଜମି ପଡିଆ ପଡୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଠିକ୍ ସମୟରେ କେନାଲ ମରାମତି କରାଯାଉ ନ ଥିବାରୁ ଏସବୁ ସମସ୍ୟା ଦେଖାଦେଉଛି ବୋଲି ଟିଗ୍ରାପଙ୍ଗା ସରପଞ୍ଚ ସଞ୍ଜୀବ ଲୋଚନ ପ୍ରଧାନ କହିଛନ୍ତି। କେନାଲ ମରାମତି ପାଇଁ ଅନେକ ଥର ଜିଲାପାଳଙ୍କ କାର୍ଯ୍ୟାଳୟ ଓ ପିଲା ସାଲୁଙ୍କି ଜଳସେଚନ କାର୍ଯ୍ୟାଳୟକୁ ଯାଇ ଚାଷୀମାନେ ଦାବି କରୁଛନ୍ତି। ପ୍ରତି ବର୍ଷ କେନାଲ ମରାମତି ହେଉଛି, ହେଲେ ଚାଷଜମିକୁ ପାଣି ମିଳୁନି। କେନାଲ ମରାମତିରେ ଅନିୟମିତତା ହେଉଛି। ନିମ୍ନମାନର ମରାମତି ହେତୁ କେନାଲ ବାରମ୍ବାର ନଷ୍ଟ ହେଉଥିବା ଚାଷୀ ନରୋତ୍ତମ କହଁର, ଲଛମନ ଦେହୁରୀ, ଯତ୍ନ କହଁର, ସୁରିନ୍ଦ୍ର ଦେହୁରୀ, ଠାକୁର କହଁର, ନିରାକାର ବେହେରା, ବଂଶୀଧର କହଁର ଓ ସରପଞ୍ଚ ପ୍ରଧାନ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ ଏସ୍‌ଡିଓ ଅମରେନ୍ଦ୍ର ଭୋଇଙ୍କୁ ପଚାରିବାରୁ ସେ କହିଛନ୍ତି, କେନାଲ ଶେଷରେ ଏସବୁ ଗ୍ରାମ ଥିବାରୁ ପାଣି ପହଞ୍ଚି ପାରୁନାହିଁ। କେନାଲ ମରାମତି ଚାଲିଛି। ଖୁବ୍‌ଶୀଘ୍ର ଚାଷୀଙ୍କ ଚାଷଜମିରେ ପାଣି ପହଞ୍ଚିବା ବ୍ୟବସ୍ଥା ହେବ ବୋଲି ସେ କହିଥିଲେ।



## ସଂକ୍ଷେପରେ

### ଗୋଚର, ରାଜପଥ ଜମି ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀଙ୍କ ଦାବି

ପାଣିକୋଇଲି,୧୪।୯(ବିକାଶ ମଲ୍ଲିକ):

ରାଜପଥ ଓ ଗୋଚର ଜମି ଜବରଦଖଲ କରିବା ସହ କଲଭର୍ଟକୁ ବନ୍ଦ କରିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ଉକ୍ତ ଜବରଦଖଲ ଉଚ୍ଛେଦ କରିବାକୁ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି କୋରେଇ ବ୍ଲକ ଗୋଳେଇପୁର ପଞ୍ଚାୟତର ସୋତି ଗ୍ରାମବାସୀ। ଗ୍ରାମର ସୋମନାଥ ପଣ୍ଡା, ପ୍ରତାପ ମହାପାତ୍ର, ବିଶ୍ୱରଞ୍ଜନ ମହାପାତ୍ର, ପ୍ରତାପ କୁମାର ଖଣ୍ଡାଇ, ମଧୁସୂଦନ ଦଳେଇ, ବିଭୂଦତ୍ତ ମହାପାତ୍ର, ରଶ୍ମିରଞ୍ଜନ ସାହୁଙ୍କ ଅଭିଯୋଗ ମୁତାବକ, ସୋତି ମୌଜାର ଗୋଚର ଜମି ଓ ଜାତୀୟ ରାଜପଥର ଜମିକୁ ଗୋଳେଇପୁର ଗ୍ରାମର ଜଣେ ବ୍ୟକ୍ତି ଅକ୍ତିଆର କରି ରଖିବା ସହ ନିକଟରେ ଏକ ୨ମହଲା କୋଠା କରଛନ୍ତି। କଲଭର୍ଟ ସ୍ଥାନ ଦଖଲ ଯୋଗୁ ଚାଷ ଜମିରୁ ଜଳ ନିଷ୍କାସନ ହୋଇପାରୁନି। ଜମିକୁ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେଉଛି।

# ଜରିମାନା ସତ୍ତ୍ୱେ ମୋରମ ଲୁଟ ନିଶା ଛାଡୁନି

ଯାଜପୁର,୧୪।୯(ହର୍ଷବର୍ଦ୍ଧନ ବେହେରା)



କଳିଙ୍ଗନଗର ଶିଳ୍ପାଞ୍ଚଳରେ ଇଡ୍‌କୋଠାରୁ ୨୦ ଏକର ଜମି ନେଇ ଭିସିଆଇ କେମିକାଲ୍ସ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ୍ ଲିମିଟେଡ୍ କାରଖାନା ପ୍ରତିଷ୍ଠା କରିବା ବଦଳରେ ସେହି ଜମିରୁ ମୋରମ ଲୁଟ କରୁଥିବା ଅଭିଯୋଗ ହୋଇଆସୁଛି। ଗତ ଏପ୍ରିଲରେ ଲଘୁ ଖଣି ବିଭାଗ ପକ୍ଷରୁ ଡ୍ରୋନ୍ କ୍ୟାମେରାରେ ମାପଚୁପ କରାଯାଇ ଭିସିଆଇ କମ୍ପାନୀର ନିର୍ଦ୍ଦେଶକ ଅର୍ଘାଜିତ ରାୟଙ୍କୁ ଲୁଟ ମୋରମର ଜରିମାନା ବାବଦକୁ ୩୭ ଲକ୍ଷ ୯୮ ହଜାର ୧୧୩ ଟଙ୍କା ପୈଠ କରିବାକୁ ନୋଟିସ ହୋଇଥିଲା। ଗତ ଜୁଲାଇରେ ଏହି ଜରିମାନା ଅର୍ଥ ପୈଠ ହୋଇଥିବା ସୂଚନା ମିଳିଛି। ତେବେ ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ମାପଚୁପରେ ରଫାଦଫା କରାଯାଇଛି। ପ୍ରାୟ ୨୦ କୋଟି ଟଙ୍କା ମୋରମ ଲୁଟ ହୋଇଥିବାବେଳେ ମାତ୍ର ୩୭ ଲକ୍ଷ ଟଙ୍କା ଜରିମାନା ହେବା ଏବଂ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଭିସିଆଇ କମ୍ପାନୀକୁ ସୁହାଇଛି। ଏପରି କି ଜରିମାନା ଭାବେ ଏଭଳି କମ ପରିମାଣର ଅର୍ଥ ବିନିଯୋଗ କରି ଭିସିଆଇକୁ ପ୍ରାୟ ୨୦ କୋଟି ଲାଭ କରିବା ନିଶା ଛାଡୁନି। ତେଣୁ ଗତ ପ୍ରାୟ ୪ ଦିନ ହେବ ରାତି ସାରା ପୁଣି ମୋରମ ଲୁଟ ହେଉଛି। ଅଲ୍ ଓଡ଼ିଶା ଇଣ୍ଡଷ୍ଟ୍ରିର ଜଣେ ବରିଷ୍ଠ ଅଧିକାରୀ, ଲଘୁ ଖଣି ବିଭାଗ ଏବଂ ସ୍ଥାନୀୟ କେତେଜଣ ପ୍ରଭାବଶାଳୀଙ୍କ ସହଯୋଗ ରହିଥିବାରୁ ପୁଣି ବେଆଇନ ମୋରମ ବ୍ୟବସାୟ କରିବାରେ ଭିସିଆଇ ବଳପାଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ରାଜ୍ୟ ସରକାର ଶିଳ୍ପ ପ୍ରତିଷ୍ଠା ସହ ନିଯୁକ୍ତିକୁ ଗୁରୁତ୍ୱ ଦେଇ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସ୍ୱତନ୍ତ୍ର ଶିଳ୍ପ ଜୋନ୍ ଭାବେ ପରିଗଣିତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ଡାଉନଷ୍ଟ୍ରିମ ଶିଳ୍ପକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ଏହିକ୍ରମରେ ଭିସିଆଇ କମ୍ପାନୀ ଜମି ନେଇ୧.୦ ଏଲ୍‌ଟିପିଏ କ୍ଷମତାବିଶିଷ୍ଟ ଗ୍ରୀନ ଫିଲ୍ଡ କୋଲଟାର ଡିଷ୍ଟିଲେଶନ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ୨୯।୧୧।୨୦୨୩ରେ ଜନ ଶୁଣାଣି କରିଥିଲା। କିନ୍ତୁ କାରଖାନା ନିର୍ମାଣ ଆରମ୍ଭ ନ କରି କମ୍ପାନୀ ମୋରମ ଲୁଟରେ ମାତିଥିବା ଅଭିଯୋଗ ହେଉଛି। ଜମି ପାଇଁ ପ୍ରାୟ ୨ କୋଟି ଟଙ୍କା ରାଜସ୍ୱ ଦାଖଲ କରି ମୋରମ ଲୁଟ ବାବଦରେ ପ୍ରାୟ ୨୦ କୋଟି ଟଙ୍କା ଆୟ କରିସାରିଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ଧରିତ୍ରୀ ଏବଂ ଓଡିଶା ପୋଷ୍ଟରେ ଏକାଧିକ ଥର ଖବର ପ୍ରକାଶ ପାଇବା ପରେ ଯାଜପୁର ଜିଲା ଲଘୁ ଖଣି ବିଭାଗ ପକ୍ଷରୁ ଏପ୍ରିଲ ଦ୍ୱିତୀୟ ସପ୍ତାହରେ ଚଢାଉ କରାଯିବା ସହ ଡ୍ରୋନ୍ କ୍ୟାମେରାରେ ମାପଚୁପ ହୋଇଥିଲା। ମାପଚୁପ ପ୍ରକ୍ରିୟା ଶେଷ ହେବାର ପ୍ରାୟ ୩ ମାସ ପରେ ଭିସିଆଇ କମ୍ପାନୀ ପକ୍ଷରୁ ଜରିମାନା ପୈଠ ହୋଇଥିଲା।

ମୋରମ ଲୁଟ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଭିସିଆଇ କମ୍ପାନୀ ଜମି ସମତୁଲ କରିବାକୁ ମେଶିନ ଲଗାଇଥିବ। ତେଣୁ ମୋରମ ଚାଲାଣ ହେଉଥିବା ପ୍ରମାଣ ମିଳିଲେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନାୟକ କହିଛନ୍ତି। ତେବେ ପୁଣି ମାପଚୁପ କରାଯାଇ ଅତି କମ୍ ଜରିମାନା ଲଗାଇ ଭିସିଆଇକୁ ବିପୁଳ କୋଟି ଟଙ୍କା ଲାଭଦେବାକୁ ବିଭାଗୀୟ ଅଧିକାରୀମାନେ ଯୋଜନା କରୁଥିବା ଚର୍ଚ୍ଚା ହେଉଛି।

# ସାହାପୁର ହାଟରୁ ୪୭ ବାଛୁରି ଉଦ୍ଧାର



ପାଣିକୋଇଲି,୧୪।୯(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ସାହାପୁର ହାଟ ପଡ଼ିଆରେ ବେଆଇନ ଚାଲାଣବେଳେ ୪୭ ବାଛୁରିକୁ ଉଦ୍ଧାର କରିଛି ପୋଲିସ। ଚାଲାଣ ପାଇଁ ବାଛୁରି ରଖାଯାଇଥିବା ବଜରଙ୍ଗ ଦଳ ପକ୍ଷରୁ ପୋଲିସକୁ ସୂଚନା ମିଳିଥିଲା। ଫଳରେ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ, ଏସ୍ଆଇ ବିଶ୍ୱରଞ୍ଜନ ଦାସ ସଦଳବଳ ଶୁକ୍ରବାର ରାତିରେ ହାଟରେ ଚଢ଼ାଉ କରି ବାଛୁରିଗୁଡ଼ିକୁ ଉଦ୍ଧାର କରିଥିଲେ। ଶନିବାର ବାଛୁରିଗୁଡ଼ିକୁ ସ୍ଥାନୀୟ ଲୋକଙ୍କ ଜିମା ଦିଆଯାଇଛି।

# ଆକ୍ରମଣ ଅଭିଯୋଗରେ ୨ ଗିରଫ

ଯାଜପୁରରୋଡ୍,୧୪।୯ (ପବିତ୍ର ରଞ୍ଜନ ମହାନ୍ତି):



ଗିରଫ ୨ ଅଭିଯୁକ୍ତ।

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବ୍ୟାସନଗର ସହର ଝାଟିଆସାହି ରାସ୍ତାରେ ୨ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଯାଜପୁରରୋଡ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ବିଶ୍ୱଜିତ ଯେନା ଓରଫ୍ ଯଦୁ(୨୩) ଓ ନଟପଡ଼ା ଗ୍ରାମର ବିକାଶ ମଳିକ(୪୦)। ଗୁରୁବାର ରାତିରେ ରାଜୀବ ଦାସ ନାମକ ବ୍ୟକ୍ତି ଝାଟିଆସାହିକୁ ଭୋଜି ଖାଇବାକୁ ଆସିଥିଲେ। ଏହି ସମୟରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ରାଜୀବଙ୍କୁ ରାସ୍ତାରେ ଅଟକାଇ ଲୁହା ଛଡ଼ ଓ ପାଇପ ସାହାଯ୍ୟରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ନଟପଡ଼ା ଗ୍ରାମର ଦିନେଶ ପରିଡ଼ା ରାଜୀବଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ। ଏହିସମୟରେ ଦୁଇ ଅଭିଯୁକ୍ତ ଏକ କଟୁରୀରେ ଦିନେଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ଦିନେଶଙ୍କ ମୁଣ୍ଡ ଓ ରାଜୀବଙ୍କ ମୁହଁ ଏବଂ ନାକରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଆସିବାରୁ ଅଭିଯୁକ୍ତ ସ୍ଥାନ ଛାଡ଼ି ପଳାଇଥିଲେ। ପରେ ସ୍ଥାନୀୟ ଲୋକେ ୨ ଗୁରୁତରଙ୍କୁ ଉଦ୍ଧାର କରି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ନଟପଡ଼ା ଗ୍ରାମର ପ୍ରଦୀପ ପରିଡ଼ାଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୫୫୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ଶିକ୍ଷକ ଅଭାବରୁ ପାଠପଢ଼ାରେ ସମସ୍ୟା

ରଗଡ଼ି,୧୪।୯(ଜତିଶ କୁମାର ମଲ୍ଲିକ):

**କଡ଼ମା ସରକାରୀ ଉପ୍ରା ବିଦ୍ୟାଳୟ**

ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇ ଏହାର ଭିତ୍ତିଭୂମିକୁ ସଜାଡ଼ିବାରେ ବପୁଳ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଶିକ୍ଷା ବିକାଶରେ ସମ୍ବଳ ସାଜିଥିବା ଶିକ୍ଷକ ନିଯୁକ୍ତି ଉପରେ ସେତିକି ଗୁରୁତ୍ୱ ଦିଆ ଯାଉନାହିଁ। ଫଳରେ ଶିକ୍ଷା କ୍ଷେତ୍ରରେ ସରକାରଙ୍କ ଥିବା ଲକ୍ଷ୍ୟ ସାଧନ ହୋଇପାରୁନାହିଁ। କୋରେଇ ବ୍ଲକ ପଛକୋଟ ପଞ୍ଚାୟତ ଅଧୀନ କଡ଼ମା ସରକାରୀ ଉପ୍ରା ବିଦ୍ୟାଳୟରେ ଏଭଳି କିଛି ଦେଖିବାକୁ ମିଳିଛି। ୧୯୫୦ରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ରହିଛି। ଏଠାରେ ୨୮୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ଶିକ୍ଷାଦାନ ପାଇଁ ଅଛନ୍ତି ମାତ୍ର ୫ ଶିକ୍ଷକ। ଯେଉଁ ସ୍କୁଲ୍‌ରେ ପିଲା ସଂଖ୍ୟା ୨୦ରୁ କମଥିଲେ ସେସବୁକୁ ପୂର୍ବ ସରକାରଙ୍କ ନିୟମ ଅନୁଯାୟୀ ବନ୍ଦ କରି ଦିଆଯାଇଛି। ଏହିଭିତ୍ତିରେ ନିକଟରେ ଥିବା ଓସ୍ତପାଳ, ଗୋଦରାପାଳ, ମାଦଳା ଓ ଆଇଚପୁର ପ୍ରାଥମିକ ବିଦ୍ୟାଳୟ ସମେତ ରାଉତପଡ଼ା ଦାସରଥି ସରକାରୀ ଉପ୍ରା ବିଦ୍ୟାଳୟର ମିଶ୍ରଣ ଏହି ବିଦ୍ୟାଳୟରେ ହୋଇଛି। ଏହି କାରଣରୁ ଅଞ୍ଚଳର ଶିକ୍ଷାର ବିକାଶ କ୍ଷେତ୍ରରେ ଉକ୍ତ ବିଦ୍ୟାଳୟ ଗୁରୁତ୍ୱ ବହନ କରେ। ହେଲେ ଶିକ୍ଷକ ଅଭାବ ଯୋଗୁ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ପ୍ରଭାବିତ ହୋଇଛି। ତେଣୁ ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ ପାଇଁ ଏଠାରେ ତୁରନ୍ତ ଶିକ୍ଷକ ନିଯୁକ୍ତି ଉପରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।



କଡ଼ମା ସରକାରୀ ଉପ୍ରା ବିଦ୍ୟାଳୟର ମୁଖ୍ୟ ଫାଟକ।

# ପଟାସରେ ବାଲି ମିଶ୍ରଣ ଘଟଣାର ତଦନ୍ତ



କୃଷି ବିଭାଗ ଅଧିକାରୀ ସାରର ନମୁନା ସଂଗ୍ରହ କରୁଛନ୍ତି।

ପାଣିକୋଇଲି,୧୪।୯(ବିକାଶ ମଲ୍ଲିକ):

ପଟାସ ସାର ବସ୍ତାରେ ବାଲି ମିଶ୍ରଣ କରାଯାଇ ବିକ୍ରି ହେଉଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ତଦନ୍ତ ଆରମ୍ଭ ହୋଇଛି। ଶନିବାର କୋରେଇ ବ୍ଲକ କୃଷି ଅଧିକାରୀ କବିତା ବେହେରା ଓ ଉପ କୃଷି ଅଧିକାରୀ ଅରୁଣ କୁମାର ପତ୍ରୀ ତାଙ୍କ ଟିମ୍ ସହିତ ସୋତି ସ୍ଥିତ ଚାଷୀଙ୍କ ଘରେ ପହଞ୍ଚି ସାର ନମୁନା ସଂଗ୍ରହ କରିଛନ୍ତି। ପରେ ସେମାନେ ସାର ବେପାରୀଙ୍କ ନିକଟରେ ପହଞ୍ଚିଥିଲେ। ମାତ୍ର ସେ ଅନୁପସ୍ଥିତ ଥିବା କୁହାଯାଉଛି।

ସୂଚନା ମୁତାବକ, କୋରେଇ ବ୍ଲକ ଗୋଳେଇପୁର ପଞ୍ଚାୟତ ସୋତି ଗ୍ରାମର ଚାଷୀ ସୁଶାନ୍ତ ମାଝୀ ଓ ଜଡ଼ା ମାଝୀ ଗୋଳେଇପୁର ଛକରୁ ବସ୍ତା ପ୍ରତି ୧୨୨୦ଟଙ୍କା ଦରରେ ପଟାସ ସାର କିଣିଥିଲେ। ଜମିରେ ସାର ପକାଇବା ବେଳକୁ ଅର୍ଦ୍ଧାଧିକ ବାଲି ଦେଖିବାକୁ ପାଇଥିଲେ। ପାଣିରେ ରଙ୍ଗ ଧୋଇହୋଇଯିବା ପରେ କେବଳ ବାଲି ରହିଥିଲା। ଏହା ନକଲି ସାର ବୋଲି ଜାଣିବା ପରେ ସେମାନେ ବୋପରୀଙ୍କୁ ପାଚାରିବାରୁ ସେ ଏ କଥାକୁ ଏଡ଼ାଇ ଯାଇଥିଲେ। ଏକଥା ଜିଲା କୃଷି ବିଭାଗ ଜାଣିବା ପରେ ନମୁନା ଯାଞ୍ଚ ନମନ୍ତେ ବ୍ଲକ କୃଷି ଅଧିକାରୀ ଚାଷୀଙ୍କ ଘରକୁ ଯାଇଥିଲେ। ତେବେ ସମ୍ପୃକ୍ତ ବେପାରୀଙ୍କ ବିରୋଧରେ ଲିଖିତ ଅଭିଯୋଗ ପାଇ ମଧ କାର୍ଯ୍ୟାନୁଷ୍ଠାନ ନେବାରେ କୃଷି ବିଭାଗ ଅଣଦେଖା କରୁଛି । ନକଲି ସାରର ମୁଖ୍ୟ ଉତ୍ସ କେଉଁଠି ତାହା ଖୋଜି ପାଇବା ଜିଲା ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଆଗାମୀ ଦିନରେ ନକଲି ସାର ବିକ୍ରି ବନ୍ଦ ସହ ଅସାଧୁ ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ନଚେତ୍ ଚାଷୀ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

# ପାଣିକୋଇଲିରେ ସୁଭଦ୍ରା ସଚେତନତା ରଥ



ସୁଭଦ୍ରା ରଥକୁ ମହିଳାମାନେ ସ୍ୱାଗତ କରୁଛନ୍ତି।

ପାଣିକୋଇଲି,୧୪।୯(ବିକାଶ ମଲ୍ଲିକ):

ସୁଭଦ୍ରା ସଚେତନତା ରଥ କୋରେଇ ବ୍ଲକର ପ୍ରତ୍ୟେକ ପଞ୍ଚାୟତକୁ ଯାଉଛି। ଏହି ରଥ ଶନିବାର ଗୋଳେଇପୁର, ପାଣିକୋଇଲି ଓ ପଥରପଦା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ମହିଳାମାନଙ୍କୁ ସଚେତନ କରିଛି। ସରପଞ୍ଚ ପଦ୍ମାବତୀ ପଣ୍ଡା, ନାଏବ ସରପଞ୍ଚ ଦେବେନ୍ଦ୍ର ସ୍ୱାଇଁ ଓ ୱାର୍ଡ ସଭ୍ୟମାନେ ଉପସ୍ଥିତ ରହି ରଥକୁ ସ୍ୱାଗତ କରିଥିଲେ। ସୁଭଦ୍ରା ଯୋଜନା ଆବେଦନ ନିମନ୍ତେ କୌଣସି ଅର୍ଥ ଖର୍ଚ୍ଚ ନ ହେବା ସମ୍ପର୍କରେ ମହିଳାମାନଙ୍କୁ ଅବଗତ କରାଯାଇଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଇମ୍ଫା ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

କାଳିଆପାଣି,୧୪।୯(ଅସିତ ମହାନ୍ତ):

ଇମ୍ଫା କମ୍ପାନୀ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଶନିବାରଠାରୁ ଆରମ୍ଭ ହୋଇଛି। ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ ଭୁବନେଶ୍ୱର ରିଜିଅନ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଅକ୍ଟୋବର ୨ରେ ଶେଷ ହେବ। ଇମ୍ଫା କମ୍ପାନୀର ମହାଗିରି ଓ ସୁକିନ୍ଦାଖଣିରେ ଏହି କାର୍ଯ୍ୟକ୍ରମ ଚାଲିଛି। ଚଳିତ ବର୍ଷ ସ୍ୱଭାବ ସ୍ୱଚ୍ଛତା ଓ ସଂସ୍କାର ସ୍ୱଚ୍ଛତା ବିଷୟ ରହିଛି। ଏହାକୁ ନେଇ ଖଣିରେ କର୍ମଚାରୀଙ୍କୁ ସଚେତନ କରାଯାଉଥିବାବେଳେ ସ୍ଥାନୀୟ ସ୍କୁଲ୍ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱଚ୍ଛତା ଉପରେ ଚିତ୍ରାଙ୍କନ, କୁଇଜ, ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହଥିବା କମ୍ପାନୀ ଲୋକ ସମ୍ପର୍କ ପରିଚାଳକ ପ୍ରଭାତ ରଞ୍ଜନ ସିଂ ପ୍ରକାଶ କରିଛନ୍ତି।

# ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚର ସାଙ୍ଗଠନିକ ବୈଠକ

ଯାଜପୁରରୋଡ୍,୧୪।୯ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚର ସାଙ୍ଗଠନିକ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ରାଜାମହଲ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ସଞ୍ଜୟ କୁମାର ମହାନ୍ତିଙ୍କ ସଭା ପରିଚାଳନାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ବିଗତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ଓ ଆୟବ୍ୟୟ ହିସାବ ପ୍ରଦାନ କରାଯାଇଛି। ପରେ ଆସନ୍ତା ଦୁଇ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ସଭାପତିଭାବେ ବିଜୟ କୁମାର ଦାସ, ମୁଖ୍ୟ ସଂଯୋଜକ ଭାବେ ଚିନ୍ତାମଣି ପାଢ଼ୀ, କାର୍ଯ୍ୟକାରୀ ସଭାପତିଭାବେ ବିଏସ୍‌କେ ସାମଲ, ଉପସଭାପତିଭାବେ ଦେବଦତ୍ତ ରାୟ, ଦୀପକ କୁମାର ପରିଡ଼ା, ସମ୍ପାଦକଭାବେ ଶିଶିର କୁମାର ରାଉତ, ସହସମ୍ପାଦକ ଭାବେ ଭରତଚନ୍ଦ୍ର ବିଶ୍ୱାଳ, ଯୁଗ୍ମ ସମ୍ପାଦକଭାବେ ପ୍ରଣବେନ୍ଦୁ ଜେନା, କୋଷାଧ୍ୟକ୍ଷଭାବେ ଜିତେନ୍ଦ୍ର କୁମାର ରାଉତଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ପରମେଶ୍ୱର ଜେନା, କାମଦେବ ନାୟକ, ଅଶୋକ ଦାସ, ପ୍ରକାଶ ଚକ୍ର, ନିରଞ୍ଜନ ମହାଳିକ, ଦୁର୍ବାଦଳ ବସୁ, ଶଙ୍କର୍ଷଣ ରାଉତ, ଆଶୁତୋଷ ମିଶ୍ର, ବିଭୁତି ରଞ୍ଜନ ବିଶ୍ୱାଳ, ସଞ୍ଜୟ ମହାନ୍ତି, ଚିତ୍ରସେନ ଦାସ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ଷ୍ଟାଡିୟମ ନିର୍ମାଣ ସଂକ୍ରାନ୍ତରେ ବିଧାୟକ ଆକାଶ ଦାସ ନାୟକ ଓ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା ପାଇଁ ସ୍ଥିର କରାଯାଇଛି। ବୈଠକରେ ବରିଷ୍ଠ ସଦସ୍ୟ ଅଜୟ କୁମାର ଷଡ଼ଙ୍ଗୀ, ବିଷ୍ଣୁ ଚରଣ ବିଶ୍ୱାଳ, ଏସ୍ଆର ତ୍ରିପାଠୀ, ତଥାଗତ ବାଇ, ଗଣେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ରେଳବାଇ ଅଧିକାରୀ ସରୋଜ କୁମାର ବେହେରା ଧନ୍ୟବାଦ ଦେଇଥିଲେ।



ବୈଠକରେ ଯୋଗଦେଇଥିବା ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚର କର୍ମକର୍ତ୍ତା।

## ଲୋକ ଅଦାଲତରେ ୩୮୦୨ ମାମଲାର ଫଇସଲା

କେନ୍ଦ୍ରାପଡ଼ା,୧୪।୯(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାର ଆଳି, ରାଜନଗର, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୩୮୦୨ଟି ମାମଲାର ଫଇସଲା ହୋଇ ୪,୩୬,୩୨,୫୦୪ ଟଙ୍କା ଜରିମାନା ଆଦାୟ ପାଇଁ ରାୟ ପ୍ରକାଶ ପାଇଛି । ଏଥିମଧ୍ୟରୁ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲାରୁ ୨,୯୦,୧୫,୭୫୮ ଟଙ୍କା ଆଦାୟ ହୋଇଛି । ମୋଟ ୨୧୯ଟି ଚେକ୍ ବାଉନ୍ସ ମାମଲାରୁ ୩୯ଟିର ସମାଧାନ ହୋଇଛି । ସେହିପରି ୩୨ଟି ଟଙ୍କା ପୁନରୁଦ୍ଧାର, ୮ ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ୩ଟି ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲାର ଫଇସଲା ହୋଇଛି । ଏହି ମାମଲାଗୁଡିକୁ ଜିଲା ଜଜ୍ ବିଶ୍ୱଜିତ୍ ମହାନ୍ତି, ପରିବାର ଅଦାଲତ ଜଜ୍ ବିକାଶ ଚନ୍ଦ୍ର ଦେ, ଏଡିଜେ ପ୍ରଜ୍ଞା ପାରମିତା ରାଉଳ, ସିଜେଏମ୍ ସରିତା ମହାନ୍ତି, ଡିଏଲଏ ସୁମିତ୍ରା ସାହୁଙ୍କ ସମେତ ଜିଲାର ବିଭିନ୍ନ କୋର୍ଟରେ ଥିବା ଜଜ୍ ପ୍ରମୁଖ ବିଚାର କରିଥିଲେ ।

# ପୂର୍ତ୍ତ ବିଭାଗ ରାସ୍ତା ବିପର୍ଯ୍ୟସ୍ତ

**ଦୀର୍ଘଦିନର ଦାବି ପରେ ବି ହେଉନି ମରାମତି**

ବରୀ,୧୪।୯(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଅଞ୍ଚଳର ମୁଖ୍ୟ ରାସ୍ତାଭାବେ ପରିଚିତ ବରୀ ମାଉଣ୍ଡଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଯାତାୟାତ କ୍ଷେତ୍ରରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ୧୫/୧୬ ପଞ୍ଚାୟତର ଲୋକେ ବ୍ଲକ କାର୍ଯ୍ୟାଳୟ, ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବରୀ ରାମଚନ୍ଦ୍ରପୁର ଥାନା, ବୌଦ୍ଧ ପୀଠ ରତ୍ନଗିରିକୁ ଯାତାୟାତ କରୁଛନ୍ତି। ସେହିପରି ଅଞ୍ଚଳର ସର୍ବ ପୁରାତନ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଛାତ୍ରୀଛାତ୍ର ଆସୁଛନ୍ତି। ରାସ୍ତା ଦେଇ ରାଜତୋଟା ଓ ରାମଚନ୍ଦ୍ରପୁରଠାରୁ ୧୦ରୁ ୧୨ ଘରୋଇ ବସ କଟକ ଓ ଭୁବନେଶ୍ୱର ଅଭିମୁଖେ ପ୍ରତିଦିନ ଯାତାୟାତ କରୁଛି। ମାତ୍ର ରାସ୍ତା ଅଣଓସାରିଆ ହୋଇଥିବାରୁ ଅପରପଟରୁ ୪ଚକିଆ ଯାନ କିମ୍ବା ଆମ୍ବୁଲାନ୍ସ ଆସିଲେ ଉଭୟ ପରସ୍ପରକୁ ଅତିକ୍ରମ କରିବା ସମ୍ଭବ ହେଉନାହିଁ। ଦୀର୍ଘଦିନ ଧରି ଏହି ରାସ୍ତା ମରାମତି ଓ ସମ୍ପ୍ରସାରଣ ପାଇଁ ଦାବି ହୋଇଆସୁଛି। ହେଲେ ମରାମତି ହୋଇ ପାରୁନାହିଁ। ଫଳରେ ଦୈନିକ ଛୋଟମୋଟ ଦୁର୍ଘଟଣା ଘଟୁଛି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ପାର୍ବଣ ପୂର୍ବରୁ ଉକ୍ତ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।



ରାସ୍ତା ଅଣଓସାର ଯୋଗୁ ଏକ ଗାଡ଼ି ଓଲଟି ପଡିଛି।

# ମୁଖ୍ୟ ପୋଷ୍ଟ ଅଫିସ ସମ୍ମୁଖରେ ଜବର ଦଖଲ

**ପଟ୍ଟାମୁଣ୍ଡାଇ,୧୪।୯(କଳ୍ପତରୁ ନାୟକ)**



ପୋଷ୍ଟ ଅଫିସ୍ ସମ୍ମୁଖରେ ଥିବା ଦୋକାନ ଘର।

- ଦେଖାଯାଉନି ସରକାରୀ ଯୋଜନାର ଡିସ୍‌ପ୍ଲେ ବୋର୍ଡ
- ଡାକସେବାରୁ ବଞ୍ଚିତ ବାହାର ଲୋକେ

ପଟ୍ଟାମୁଣ୍ଡାଇ ସହର ଆଦର୍ଶ ଥାନା ସାମ୍ନାରେ ମୁଖ୍ୟ ପୋଷ୍ଟ ଅଫିସ ରହିଛି । ସେଠାରେ କେତେଜଣ ବ୍ୟକ୍ତି ସର୍ବସାଧାରଣ ରାସ୍ତାକୁ ଦୀର୍ଘଦିନ ହେବ ଜବରଦଖଲ କରି ଦୋକାନ କରିଛନ୍ତି। ଫଳରେ ମୁଖ୍ୟ ପୋଷ୍ଟ ଅଫିସ ବାହାରକୁ ଠିକ୍ ଭାବେ ଦେଖାଯାଉନାହିଁ । ଏପରିକି ସରକାରଙ୍କ ବିଭିନ୍ନ ଯୋଜନାକୁ ସେଠାରେ ଲାଗଯାଇଥିବା ଡିସ୍‌ପ୍ଲେ ବୋର୍ଡ ବି ଦେଖିବାକୁ ମିଳୁନାହିଁ । ଫଳରେ ବାହାରୁ ଆସୁଥିବା ଲୋକମାନେ ଡାକଘର କେଉଁଠି ବୋଲି ଖୋଜି ବୁଲୁଛନ୍ତି । ଏହାଦ୍ୱାରା ଡାକ ସେବା ଗୁରୁତର ଭାବେ ବ୍ୟାହତ ହେଉଛି ବୋଲି ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇର ମୁଖ୍ୟ ପୋଷ୍ଟ ଅଫିସ ଉପରେ ପୌରାଞ୍ଚଳର ୨୦ ୱାର୍ଡ ସହିତ ଆଖପାଖ ପଞ୍ଚାୟତର ଲୋକେ ନିର୍ଭର କରିଥାଆନ୍ତି । ଏହି ସହରରେ ୱେଷ୍ଟବେଙ୍ଗଲ, ବିହାର, ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ରାଜସ୍ଥାନ, ଗୁଜୁରାଟ ଭଳି ଅନ୍ୟ ରାଜ୍ୟର ଲୋକେ ଏଠାରେ ରହୁଛନ୍ତି । କିଏ ରାଜମିସ୍ତ୍ରୀ, ଟାଇଲକାମ କରନ୍ତି ତ ଆଉ କିଏ ଏଠାରେ ରହି ବିଭିନ୍ନ ବ୍ୟବସାୟ କରୁଛନ୍ତି । ମାତ୍ର ଏମାନେ କୌଣସି ଡାକ ସେବା ପାଇଁ ଡାକଘର ଖୋଜିବାରେ ଲୋକମାନଙ୍କୁ ପଚାରି ବୁଝନ୍ତି। ଅନ୍ୟପକ୍ଷେ ଏହି ସର୍ବପୁରାତନ ପୋଷ୍ଟ ଅଫିସ ଆଗ ଜାଗା ଜବରଦଖଲରେ ଥିବାରୁ ଗାଡ଼ି ପାର୍କିଂ କରିବା ପାଇଁ ଗ୍ରାହକମାନେ ହଇରାଣ ହେଉଛନ୍ତି । ଯଦି କେହି ରାସ୍ତା ପାର୍ଶ୍ୱରେ ଚାରିଚକିଆ ଯାନ ରଖି ପୋଷ୍ଟ ଅଫିସ୍‌କୁ ଯିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କୁ ସେହି ଦୋକାନୀମାନେ ଘଉଡାଇ ଦେଉଛନ୍ତି । ଏହାକୁ ନେଇ ଅଧିକାଂଶ ସମୟରେ ଯୁକ୍ତିତର୍କ ଓ ହାତାହାତି ହେଉଥିବା ନଜିର ରହିଛି। ଗତ ୨ବର୍ଷ ତଳେ ପୋଷ୍ଟ ଅଫିସ ସାମ୍ନା ଜାଗାରୁ ଜବର ଦଖଲ ଉଚ୍ଛେଦ କରାଯାଇଥିଲା । ମାତ୍ର ଏହାର ୨ଦିନ ପରେ ପୁଣିଥରେ ଜବରଦଖଲ କରାଯାଇ ଦୋକାନ ଘର ନିର୍ମାଣ ହୋଇଥିଲା ।

ଅନ୍ୟପକ୍ଷେ ଏହି ମୁଖ୍ୟ ପୋଷ୍ଟ ଅଫିସରେ ଆବଶ୍ୟକ କର୍ମଚାରୀ ନାହାଁନ୍ତି । ପୋଷ୍ଟ ଅଫିସରେ ୭ ଜଣ କର୍ମଚାରୀ ଆବଶ୍ୟକ କରୁଥିବାବେଳେ ପୋଷ୍ଟ ମାଷ୍ଟରଙ୍କୁ ମିଶାଇ ମାତ୍ର ୩ ଜଣ କର୍ମଚାରୀ ବହୁ କଷ୍ଟରେ ଡାକ ସେବା ଜାରି ରଖିଛନ୍ତି। ଏଠାରେ ବରିଷ୍ଠ ନାଗରିକଙ୍କ ବସିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ସେମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ସର୍ବପୁରାତନ ପୋଷ୍ଟ ଅଫିସ ପଛପଟରେ ଘଞ୍ଚ ଜଙ୍ଗଲ ରହିଛି । ସେଥିପାଇଁ ସେହି ଅଞ୍ଚଳରେ ସରିସୃପଙ୍କ ଭୟ ସୃଷ୍ଟି ହେଉଛି । ପୋଷ୍ଟ ଅଫିସରେ ପିଇବା ପାଣି, ପରିସ୍ରାଗାରର ବ୍ୟବସ୍ଥା ନ ଥିବାରୁ ବୟସ୍କ ଲୋକ ଓ ମହିଳାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏବାବଦରେ ପୋଷ୍ଟ ମାଷ୍ଟର ରେଣୁବାଳା ନାୟକଙ୍କୁ ପଚାରିବାରେ ଜବରଦଖଲ ଯୋଗୁ ବିଭିନ୍ନ ପ୍ରକାର ଅସୁବିଧା ହେଉଛି। ଏନେଇ ତହସିଲଦାରଙ୍କୁ ବାରମ୍ବାର ଅବଗତ କରାଯାଉଛି । ହେଲେ ଆବଶ୍ୟକ ଅନୁଯାୟୀ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି କହିଛନ୍ତି ।

## ଲୋକ ଅଦାଲତରେ ୩୮୦୨ ମାମଲା ଫଇସଲ

**କେନ୍ଦ୍ରାପଡ଼ା,୧୪।୯(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାର ଆଳି, ରାଜନଗର, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୮୦୨ଟି ମାମଲାର ଫଇସଲା ହୋଇ ୪,୩୬,୩୨,୫୦୪ ଟଙ୍କା ଜରିମାନା ଆଦାୟ ପାଇଁ ରାୟ ପ୍ରକାଶ ପାଇଛି। ଏଥିମଧ୍ୟରୁ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲାରୁ ୨,୯୦,୧୫,୭୫୮ ଟଙ୍କା ଆଦାୟ ହୋଇଛି। ମୋଟ ୨୧୯ଟି ଚେକ୍ ବାଉନ୍ସ ମାମଲାରୁ ୩୯ଟିର ସମାଧାନ ହୋଇଛି । ସେହିପରି ୩୨ଟି ଟଙ୍କା ପୁନରୁଦ୍ଧାର, ୮ ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ୩ଟି ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲାର ଫଇସଲା ହୋଇଛି । ଏହି ମାମଲାଗୁଡିକୁ ଜିଲା ଜଜ୍ ବିଶ୍ୱଜିତ୍ ମହାନ୍ତି, ପରିବାର ଅଦାଲତ ଜଜ୍ ବିକାଶ ଚନ୍ଦ୍ର ଦେ, ଏଡିଜେ ପ୍ରଜ୍ଞା ପାରମିତା ରାଉଳ, ସିଜେଏମ୍ ସରିତା ମହାନ୍ତି, ଡିଏଲଏ ସୁମିତ୍ରା ସାହୁଙ୍କ ସମେତ ଜିଲାର ବିଭିନ୍ନ କୋର୍ଟରେ ଥିବା ଜଜ୍ ପ୍ରମୁଖ ବିଚାର କରିଥିଲେ ।

## ସ୍ତନ କର୍କଟ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ।

**ରାଜନଗର,୧୪।୯(ଭାସ୍କର ରାଉତରାୟ)**

ବିଶ୍ୱ ସ୍ତନକର୍କଟ ସଚେତନତା ମାସ ଉପଲକ୍ଷେ ଜ୍ଞାନପ୍ରଭା ମିଶନ ପକ୍ଷରୁ ଶ୍ରୀଜଗନ୍ନାଥ ଉଚ୍ଚବିଦ୍ୟାଳୟ କେରେଡାଗଡ ଠାରେ ସ୍ତନକର୍କଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରମହଂସ ପ୍ରଜ୍ଞାନାନନ୍ଦ ଜୀ ମହାରାଜଙ୍କ ପ୍ରେରଣାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ପ୍ରତିଷ୍ଠାନର ବିଶେଷଜ୍ଞା ଡ. ସୁଲଗ୍ନା ମହାନ୍ତି, ସଦ୍‌ଗୁରୁ ହସ୍ପିଟାଲର କର୍କଟରୋଗ ବିଶେଷଜ୍ଞ ଡା. ସୌମ୍ୟ ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ କର୍କଟ ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ପଦ୍ଧତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କେରେଡାଗଡ, ବାଲିସାହିପାଟଣା, ରାଜପୁର, ଓସ୍ତିଆ ଓ ଏକମାଣିଆ ପଞ୍ଚାୟତର ୧୩୧ଜଣ ମହିଳା ଅଂଶଗ୍ରହଣ କରିଥିଲେ। ଜ୍ଞାନପ୍ରଭା ମିଶନର ସମ୍ପାଦିକା ଶାରଦାନନ୍ଦ ଗିରି, ଗିରିଜାନନ୍ଦ ଗିରି, ବିଜୟଲକ୍ଷ୍ମୀ ଜେନା ଓ ମୀନା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୯୮୫ ଅକ୍ଟୋବରକୁ ବିଶ୍ୱ ସ୍ତନକର୍କଟ ସଚେତନତା ମାସ ରୂପେ ପାଳନ କରାଯାଉଛି। ଜ୍ଞାନପ୍ରଭା ମିଶନ ଓଡ଼ିଶାର ବିଭିନ୍ନ ସହର, ଗାଁରେ ସ୍ତନକର୍କଟ ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ମହିଳାମାନଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଛି । ବାଲିସାହିପାଟଣା ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମାଳତି ଲତା ରାଉତ, ସ୍ୱର୍ଣ୍ଣଲତା ନାୟକ, ପୁଷ୍ପଲତା ସେଠୀ, କ୍ଷୀରୋଦ ବାସିନୀ ନାୟକ, ପ୍ରମିଳା ନାୟକ ଓ ତନୁଜା ସୂତାର ପ୍ରମୁଖ ଯୋଗଦେଇଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ



ପ୍ରତିଷ୍ଠା ଉତ୍ସବରେ ଅତିଥି ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

**ପଟ୍ଟାମୁଣ୍ଡାଇ,୧୪।୯(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ୍ ଚନ୍ଦନଗର ପଞ୍ଚାୟତ ବଅନ୍ତସ୍ଥିତ ଓଡିଶା ଅଦର୍ଶ ବିଦ୍ୟାଳୟର ୧୦ମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଶିକ୍ଷାବିତ୍ ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ମୁଖ୍ୟବକ୍ତାଭାବେ ଖବରଦାତା ଭାସ୍କର ରାଉତରାୟ, ସମ୍ମାନୀତ ଅତିଥିଭାବେ କବି ସଚିତ୍ର ବେହୁରା, ସହକାରୀ ଶିକ୍ଷକ ଅନ୍ତର୍ଯ୍ୟାମୀ ବେଜ, ବରିଷ୍ଠ ଶିକ୍ଷୟିତ୍ରୀ ମମତା ଷଡଙ୍ଗୀ, ସରୋଜିନୀ ଦାଶ, ଜାଭିୟରା ହାଇସ୍କୁଲର ଅଧକ୍ଷା ଲକ୍ଷ୍ମୀପ୍ରିୟା ଦାସ, ସମାଜିକ କର୍ମୀ ବ୍ରଜକିଶୋର ପାଗଳ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଷ୍ଠା ଉତ୍ସବକୁ ବିଦ୍ୟାଳୟ ଶିକ୍ଷକ ଅନିଲ କୁମାର ଦାସ, ସୁଶିଲ ଜେନା, ପ୍ରତାପ ଜେନା, ସ୍ମୃତି ରଞ୍ଜନ ଜେନା, ଶିକ୍ଷୟିତ୍ରୀ ଦୀପ୍ତିପ୍ରଭା ସାମନ୍ତରାୟ, ରତ୍ନମଞ୍ଜରୀ ମହନ୍ତି, ପ୍ରୀତିଚାନ୍ଦ ବେହେରା ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ। ଚିତ୍ରଶିଳ୍ପୀ ଶ୍ରୀକାନ୍ତ ଦାସଙ୍କ ପ୍ରକୃତି ଓ ପରିବେଶକୁ ନେଇ ଚିତ୍ରକଳା ପ୍ରଦର୍ଶିତ କରାଯାଇଥିଲା।

## ଗୁହାଳରେ ବିତୁଛି ଅନ୍ନପୂର୍ଣ୍ଣାଙ୍କ ଜୀବନ

**ରାଜନଗର,୧୪।୯(ଭାସ୍କର ରାଉତରାୟ)**



ଗୁହାଳରେ ଆଶ୍ରୟ ନେଇଥିବା ଅନ୍ନପୂର୍ଣ୍ଣାଙ୍କୁ ସହାୟତା ପ୍ରଦାନ କରାଯାଉଛି।

ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ମାଣପଡା ଗ୍ରାମର ସ୍ୱର୍ଗତ କାଶୀନାଥଙ୍କ ଝିଅ ଅନ୍ନପୂର୍ଣ୍ଣା ନାଥ ୨୦୦୯ରେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆରଡୁଙ୍ଗର ଶ୍ରୀନିବାସ ନାଥଙ୍କୁ ବିବାହ କରିଥିଲେ। ଅନ୍ନପୂର୍ଣ୍ଣାଙ୍କ ସ୍ୱାମୀ ଭିକ୍ଷାବୃତ୍ତି କରି ତାଙ୍କ ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ୧୪, ୧୧ ଓ ୩ ବର୍ଷର ୩ ଝିଅ ଅଛନ୍ତି। ଗତ କିଛିବର୍ଷ ହେବ ଅନ୍ନପୂର୍ଣ୍ଣାଙ୍କ ସ୍ୱାମୀ ଶ୍ରୀନିବାସ ଭିକ୍ଷାବୃତ୍ତି କରି ଯାହା ରୋଜଗାର କରୁଥିଲେ ତାହାକୁ ନିଶା ସେବନରେ ଉଡ଼ାଇ ଦେଉଥିଲେ । ଘରକୁ କୌଣସି ଜିନିଷ ନ ଆଣି ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ମାଡଗାଳି ଦିଅନ୍ତି। ୧୫ଦିନ ତଳେ ଶ୍ରୀନିବାସ ଅନ୍ନପୂର୍ଣ୍ଣାଙ୍କୁ ମାଡ ମାରୁଥିବା ପଡୋଶୀମାନେ ଦେଖିଥିଲେ । ଏହାପରେ ସେମାନେ ଅନ୍ନପୂର୍ଣ୍ଣାଙ୍କ ବାପଘରକୁ ଖବର ଦେଇଥିଲେ। ବାପଘରେ କେହି ପୁରୁଷ ଲୋକ ନ ଥିବା ବେଳେ ଏକମାତ୍ର ୯୦ବର୍ଷର ବୁଢ଼ୀ ମାଆ କିଛି କରିବା ଅବସ୍ଥାରେ ନ ଥିଲେ। ବାଧ୍ୟ ହୋଇ ଅନ୍ନପୂର୍ଣ୍ଣା ତାଙ୍କ ୩ ଝିଅଙ୍କୁ ସାଙ୍ଗରେ ଆଣି ବାପଘରେ ପହଞ୍ଚିଥିଲେ। ଅନ୍ନପୂର୍ଣ୍ଣା ଗାଁରେ ପହଞ୍ଚିବା ପରେ ରହିବା ପାଇଁ ଘର ନ ମିଳିବାରୁ ତାଙ୍କ ପଡୋଶୀ ଓ ଅନ୍ନପୂର୍ଣ୍ଣାଙ୍କ ୩ ଝିଅକୁ ଗୋଟିଏ ଗୁହାଳରେ ଆଶ୍ରୟ ଦେଇଥିଲେ। ନିରୂପାୟ ହୋଇ ଅନ୍ନପୂର୍ଣ୍ଣା ନିଜେ ତାଙ୍କ ୩ ଝିଅଙ୍କୁ ନେଇ ସେହି ଗୁହାଳଘରେ ଆଶ୍ରୟ ନେଇଛନ୍ତି। ଭଦ୍ରକ ଜିଲାରେ ସ୍ୱାମୀ ଦ୍ୱାରା ନିର୍ଯାତିତା ହୋଇ ବାପଘରେ ଆଶ୍ରୟ ନେଇଛନ୍ତି । ଏହି ଅସହାୟ ପରିବାର ସମ୍ପର୍କରେ ଖବରପାଇ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କ ନେତୃତ୍ୱରେ ବିଭୂ ପ୍ରସାଦ ସାହୁ, କାଳିନ୍ଦୀ ମଲିକ, ସୁନିଲ କୁମାର ମିଶ୍ର, ପିନାକୀ ସାମନ୍ତରାୟ, ରାକେଶ ଲେଙ୍କା, ସାଗର ଜେନା ପ୍ରମୁଖ ମାଣପଡ଼ାରେ ପହଞ୍ଚି ରାଶନ ସାମଗ୍ରୀ ସହିତ ଅନ୍ୟାନ୍ୟ ନିତ୍ୟ ବ୍ୟବହାର ଜିନିଷ ପ୍ରଦାନ କରିଛନ୍ତି ।

## ସାହାପୁର ହାଟରୁ ୪୭ ବାଛୁରୀ ଉଦ୍ଧାର

**ପାଣିକୋଇଲି,୧୪।୯(ବିକାଶ ମଲ୍ଲିକ)**

ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ସାହାପୁର ହାଟ ପଡ଼ିଆରେ ବେଆଇନ ଚାଲାଣବେଳେ ୪୭ ବାଛୁରିକୁ ଉଦ୍ଧାର କରିଛି ପୋଲିସ। ଚାଲାଣ ପାଇଁ ବାଛୁରି ରଖାଯାଇଥିବା ବଜରଙ୍ଗ ଦଳ ପକ୍ଷରୁ ପୋଲିସକୁ ସୂଚନା ମିଳିଥିଲା। ଫଳରେ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ, ଏସ୍ଆଇ ବିଶ୍ୱରଞ୍ଜନ ଦାସ ସଦଳବଳ ଶୁକ୍ରବାର ରାତିରେ ହାଟରେ ଚଢ଼ାଉ କରି ବାଛୁରିଗୁଡ଼ିକୁ ଉଦ୍ଧାର କରିଥିଲେ। ଶନିବାର ବାଛୁରିଗୁଡ଼ିକୁ ସ୍ଥାନୀୟ ଲୋକଙ୍କ ଜିମା ଦିଆଯାଇଛି।

## ଜାତୀୟ ହିନ୍ଦୀ ଦିବସ ପାଳିତ



ଜାତୀୟ ହିନ୍ଦ୍ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

**ରାଜନଗର,୧୪।୯(ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀବରାହ ଉଚ୍ଚ ବିଦ୍ୟାଳୟ ଜାତୀୟ ହିନ୍ଦି ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡା ଏହି ଦିବସକୁ ଉଦ୍‌ଘାଟନ କରିବା ସହିତ ହିନ୍ଦି ଦିବସର ତାପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଜେଆରସି କାଉନସିଲର ଅନିତା ରାଉତଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରମାନେ ଯୋଗଦେଇଥିଲେ। ସେହିପରି ଜରିମୂଳସ୍ଥିତ ସାବିତ୍ରୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ହିନ୍ଦି ଦିବସ ପାଳିତ ହୋଇଯାଇଛି। ହିନ୍ଦି ଶିକ୍ଷୟିତ୍ରୀ ବନକା ମଲିକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ସୀତାକାନ୍ତ ରାଉଳ, ପ୍ରଧାନଶିକ୍ଷକ ସମୀରଣ ମଣ୍ଡଳ, ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ହିନ୍ଦି ଶିକ୍ଷକ ପ୍ରିୟ ରଞ୍ଜନ ପ୍ରଧାନ, ପ୍ରଧାନଶିକ୍ଷୟିତ୍ରୀ ସୀତାରାଣି ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ହିନ୍ଦି ଭାଷା ସମ୍ବନ୍ଧରେ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। କୃତି ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମମତା ରାଉତ, ଗୋଲେଖ ବିହାରୀ ସାମଲ, ଛବିଲତା ମହାକୁଡ, ପ୍ରୀତିଲତା ରାଉତ, ଲିଲି ବେହେରା, ସ୍ନେହଲତା ସାମଲ, ଜୟଶ୍ରୀ ଦୀକ୍ଷିତ, ସୁରତ ସାହୁ, ସୁଲୋଚନା ସ୍ୱାଇଁ, ସଞ୍ଜୟ କୁମାର ମହାକୁଡ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଗୋଚର, ରାଜପଥ ଜମି ଜବରଦଖଲ

**ପାଣିକୋଇଲି,୧୪।୯(ବିକାଶ ମଲ୍ଲିକ)**

ରାଜପଥ ଓ ଗୋଚର ଜମି ଜବରଦଖଲ କରିବା ସହ କଲଭର୍ଟକୁ ବନ୍ଦ କରିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ଉକ୍ତ ଜବରଦଖଲ ଉଚ୍ଛେଦ କରିବାକୁ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି କୋରେଇ ବ୍ଲକ ଗୋଳେଇପୁର ପଞ୍ଚାୟତର ସୋତି ଗ୍ରାମବାସୀ। ଗ୍ରାମର ସୋମନାଥ ପଣ୍ଡା, ପ୍ରତାପ ମହାପାତ୍ର, ବିଶ୍ୱରଞ୍ଜନ ମହାପାତ୍ର, ପ୍ରତାପ କୁମାର ଖଣ୍ଡାଇ, ମଧୁସୂଦନ ଦଳେଇ, ବିଭୂଦତ୍ତ ମହାପାତ୍ର, ରଶ୍ମିରଞ୍ଜନ ସାହୁଙ୍କ ଅଭିଯୋଗ ମୁତାବକ, ସୋତି ମୌଜାର ଗୋଚର ଜମି ଓ ଜାତୀୟ ରାଜପଥର ଜମିକୁ ଗୋଳେଇପୁର ଗ୍ରାମର ଜଣେ ବ୍ୟକ୍ତି ଅକ୍ତିଆର କରି ରଖିବା ସହ ନିକଟରେ ଏକ ୨ମହଲା କୋଠା କରଛନ୍ତି। କଲଭର୍ଟ ସ୍ଥାନ ଦଖଲ ଯୋଗୁ ଚାଷ ଜମିରୁ ଜଳ ନିଷ୍କାସନ ହୋଇପାରୁନି। ଜମିକୁ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେଉଛି।

## ଖାଦାନରୁ ପଥରଉଠାକୁ ନେଇ ଭୁଜାଲି ଆକ୍ରମଣ

**ସୋର, ୧୪।୯(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ଖଞ୍ଜାମାହାଲର ଏକ ବେଆଇନ ଖାଦାନରୁ ପଥରଉଠାଣକୁ ନେଇ ଶୁକ୍ରବାର ରାତି ୧୦ଟାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଲାଗି ଭୁଜାଲି ମାଡ଼ ହେବା ଫଳରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଉଭୟ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପୋଲିସ ୨ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ ବହୁଦିନରୁ ବନ୍ଦ ହୋଇଥିବା ଖଞ୍ଜାମାହାଲ ଖାଦାନରୁ ବେଆଇନ ପଥରଉଠାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପୂର୍ବରୁ ଏହି ଖାଦାନ ନୀଳଗିରି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ନାମରେ ଥିବା ବେଳେ ଅବଧି ଶେଷ ହେବା ପରେ ମହୁମୁହାଣ ପଞ୍ଚାୟତ ଅଞ୍ଚଳର କିଛି ଯୁବକ ଏହାକୁ ବେଆଇନ ଭାବେ ପଥର ଉତ୍ତୋଳନ କରୁଥିଲେ। ଏହି ଖାଦାନରୁ ଅନ୍ୟ ଏକ ଗୋଷ୍ଠୀ ପଥର ଉଠାଇବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେବା ଫଳରେ ଗୋଟିଏ ଗୋଷ୍ଠୀର ଭୁଜାଲି ମାଡ଼ରେ ପ୍ରଭାକର ମଲିକ(୪୪) ଓ ସନ୍ଦୀପ କୁମାର(୩୦) ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେମାନଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କ ପ୍ରଥମେ ବାଲେଶ୍ୱର ଓ ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଉଭୟ ପକ୍ଷରୁ ୨ଜଣଙ୍କୁ ଅଟକ ରଖିଥିବା ବେଳେ ଅଭିଯୋଗ ଅନୁଯାୟୀ ଦୁଇଟି ମାମଲା(ନଂ. ୭୮୮/୨୪ ଏବଂ ୭୮୯/୨୪) ରୁଜୁ କରିଛି।

## ଏକାଗ୍ରତା, ସଙ୍କଳ୍ପବୋଧ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମାନବୀୟ ମୂଲ୍ୟବୋଧ ସୃଷ୍ଟି କରିଥାଏ

**ଡେରାବିଶ,୧୪।୯(ଅଜୟ ବେବର୍ତ୍ତା)**

### ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ




ବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥି ।

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ପ୍ରୀୟବ୍ରତ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଡେରାବିଶ ବିଡିଓ ଦାଶରଥୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକାଗ୍ରତା ଓ ସଙ୍କଳ୍ପବୋଧ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମାନବୀୟ ମୂଲ୍ୟବୋଧ ସୃଷ୍ଟି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଯୋଗଦେଇ ଗ୍ରାମାଞ୍ଚଳରେ ଥିବା କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷାର ଅଭିବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ସ୍ଥାପିତ ହୋଇଥିବା ଆଦର୍ଶ ବିଦ୍ୟାଳୟ ପ୍ରତ୍ୟେକ ପିଲାଙ୍କ ଭବିଷ୍ୟତ ନିର୍ମାଣରେ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପୀତବାସ ପଣ୍ଡା, କୁରୁଜଙ୍ଗା ସରପଞ୍ଚ ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ସେକ ନିୟାଜୁଦ୍ଦିନ ଏହି ଉତ୍ସବରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଶିବପ୍ରସାଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ଉତ୍ସବ ପରିଚାଳନାରେ ଶିକ୍ଷୟିତ୍ରୀ ମୌସୁମୀ ସାହୁ, ଅର୍ପିତା ତରାଇ, ସାଗରିକା ରାଉତ,ମୋନାଲିସା ମଲ ଓ ଶୁଭରାମ ସାମଲ ସହଯୋଗ କରିଥିଲେ।

## ଆମରଣ ଅନଶନ ପଞ୍ଚମ ଦିନରେ ପହଞ୍ଚିଲା

**ରାଜକନିକା,୧୪।୯(ସଞ୍ଜୟ କୁମାର ଦାଶ)**



ଆମରଣ ଅନଶନରେ ବସିଥିବା ଚାଷୀମାନେ।

- ଚାଷୀଙ୍କ ଅଜାଣତରେ ଟଙ୍କା ହଡ଼ପ ଘଟଣା
- ଚାଷୀଙ୍କ ପ୍ରଶ୍ନରେ ଘାଇଲା ତଦନ୍ତକାରୀ ଅଧିକାରୀ
- ଅନଶନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଛି

ରାଜକନିକା ବ୍ଲକ ବରୁଣା ପ୍ରାଥମିକ କୃଷି ସମବାୟ ସମିତି ଲିଃର ଚାଷୀଙ୍କ ଅଜାଣତରେ ଟଙ୍କା ହେରଫେର ଘଟଣାର ନ୍ୟାୟ ଦାବି କରି ପେଗରପଡା ସମିତି ସଭ୍ୟ ପ୍ରବେଶନ ମଲିକ ଚାଷୀଭାଇଙ୍କୁ ନେଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ରାଜକନିକା ଶାଖା ସମ୍ମୁଖରେ ଆଜକୁ ୫ଦିନ ହେବ ଆମରଣ ଅନଶନରେ ବସିଛନ୍ତି । ତାଙ୍କୁ ସହଯୋଗ କରୁଛନ୍ତି ସାମାଜିକ କର୍ମୀ ରାଜନାରାୟଣ ଜେନା। ଏହି ଅନଶନକୁ ସମର୍ଥନ ଜଣାଇ ଶତାଧିକ ଚାଷୀ ସାମିଲ ହେଉଛନ୍ତି । ଅନଶନକାରୀ ମଲିକଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ବିଗୁଡୁଥିବା ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଥିବା ଡାକ୍ତରୀ ଟିମ୍ କହିଛନ୍ତି ।

ଶନିବାର ଏହି ଅନଶନ ପଞ୍ଚମ ଦିନରେ ପହଞ୍ଚିଥିବା ବେଳେ, ଅନଶନ ସ୍ଥଳରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସିଇଓ, ଅନନ୍ତ ଚରଣ ସାମଲ, ସହକାରୀ ଉପ ନିବନ୍ଧକ ଯୋଗେନ୍ଦ୍ରନାଥ ବିଶ୍ୱାଳ, ମାର୍ଶାଘାଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଦୁର୍ଗାମାଧବ ନନ୍ଦ ଓ ମହାକାଳପଡ଼ା କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଅକ୍ଷୟ କୁମାର ଦାଶ ପ୍ରମୁଖ ପହଞ୍ଚି ଅନଶନକାରୀ ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ । ହେଲେ ଚାଷୀଙ୍କ ପ୍ରଶ୍ନରେ ସେମାନେ ଅଡୁଆରେ ପଡିଥିଲେ । ତଦନ୍ତକାରୀ ଅଧିକାରୀ ଏକ ପାଖିଆ ତଦନ୍ତ ରିପୋର୍ଟ ସମ୍ପାଦକଙ୍କୁ ସୁହାଇଲା ପରି ଦେଇଥିଲେ । ହେଲେ ଚାଷୀ ଘଟଣାସ୍ଥଳରେ ଆସି ଥିବା ବ୍ୟାଙ୍କ ସିଇଓ ସାମଲଙ୍କୁ ଦେଇଥିଲେ । ଏହାପରେ ତଦନ୍ତକାରୀ ଅଧିକାରୀ ନନ୍ଦ ଚାଷୀଙ୍କ ପ୍ରଶ୍ନରେ ଉତ୍ତର ନ ଦେଇ ଚୁପ ରହିଥିଲେ । ଅନଶନକାରୀ ମଲିକ ଓ ଚାଷୀମାନେ ଦାବି କରିଥିଲେ, ଯେଉଁ ସମ୍ପାଦକ ଦୁର୍ନୀତି କରିଛନ୍ତି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ । ଏହି ଆନ୍ଦୋଳନ ପରମୁହୂର୍ତ୍ତରେ ଏକ ବିରାଟ ଚାଷୀ ଆନ୍ଦୋଳନ ଅନୁମାନ କରାଯାଉଛି । ଅପରପକ୍ଷେ ବରୁଣା ପ୍ରାଥମିକ ସମବାୟ ସମିତିର କେତେଜଣ ଚାଷୀ ସିଇଓ ସାମଲଙ୍କୁ ବ୍ୟାଙ୍କରେ ଭେଟି ବରୁଣା କୃଷି ସମବାୟ ସମିତି ଠିକ୍ ଚାଲିଛି ବୋଲି କହିଥିଲେ । ତେବେ ସମ୍ପୃକ୍ତ ସମ୍ପାଦକ ଏବଂ ପୂର୍ବତନ ଶାଖା ପରିଚାଳକଙ୍କ ଉପରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ ହୋଇ କେବଳ ଚିରାଚରିତ ବିଭାଗୀୟ ତଦନ୍ତ ଓ ଶାଖା ପରିଚାଳକଙ୍କ ଅନ୍ୟତ୍ର ବଦଳି କରାଯାଇଥିବା ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି ସହଯୋଗୀ ସାମାଜିକ କର୍ମୀ ଜେନା । ଏ ସମ୍ପର୍କରେ ଆସିଥିବା କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ସିଇଓ ସାମଲ କହିଛନ୍ତି, ଅନଶନକାରୀଙ୍କ ସହ ଆନ୍ଦୋଳନ ବିଫଳ ହୋଇଛି ଓ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ । ଶନିବାର ଅନଶନରେ ସୂର୍ଯ୍ୟମଣୀ ସାହୁ, ସରୋଜ କୁମାର ଦାଶ, ସୁମନ୍ତ ମଲିକ, ଯଯାତି ପଟ୍ଟନାୟକ, ହିମାଂଶୁ ସାମଲ, ଅକ୍ଷୟ ଗାହାଣ, ଶୁଭ୍ରଜିତ୍ ବିଶ୍ୱାଳ, ଜଗନ୍ନାଥ ସାମଲ, ନନ୍ଦିନୀ ମଲିକ, ଅକ୍ଷୟ ମଲିକ, ଅଜୟ ଜେନା, ତ୍ରିଲୋଚନ ମଲିକ, ରଜତ ଦାଶ ପ୍ରମୁଖ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଜାତୀୟସ୍ତରୀୟ ଟାଏକୋଣ୍ଡୋରେ କନ୍ଧମାଳକୁ କାଂସ୍ୟ



ଫୁଲବାଣୀ,୧୪।୯(ରାକେଶ କୁମାର ରାଉତ)– ଆଗ୍ରାଠାରେ ଚାଲିଥିବା ଜାତୀୟ ସ୍ତରୀୟ ଟାଏକୋଣ୍ଡରେ କନ୍ଧମାଳକୁ କାଂସ୍ୟ ପଦକ ମିଳିଛି। ଜିଲା ଟାଇକୋଣ୍ଡ ସଙ୍ଘ ଏବଂ ଫୁଲବାଣୀ ମାର୍ଶାଲାଟ ଏକାଡେମୀର ଦୀପିକା ବୁରୁଝୁଲି ଜୁନିୟର ବାଳିକା ବିଭାଗରେ ଭାଗ ନେଇ ଏହି କଂସ୍ୟ ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ଦୀପିକାଙ୍କୁ କୋଚ ରମାକାନ୍ତ ବେହେରା, ପ୍ରୀତମ ପ୍ରଧାନ ଓ ମଦନ ଦଳ ବେହେରା, ଜିଲା ସଙ୍ଘ ସଭାପତି ପ୍ରତାପ କୁମାର ମୁଖୀ, ସମ୍ପାଦକ ପ୍ରଭାତ କୁମାର ସାହୁ ଶୁଭେଚ୍ଛା ଜଣାଇଛନ୍ତି।

### ନୂଆଗଡ଼ରେ ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

ନୂଆଗଡ,୧୪।୯(ଯୋଗ୍ୟବନ୍ତ ପରିଛା) ଗଜପତି ଜିଲା ନୂଆଗଡ଼ ବ୍ଲକ ତହସିଲର ନୂତନ ତହସିଲଦାର ଭାବେ ଡ. ମୋନାଲିସା ଆଚାର୍ଯ୍ୟା ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂଆଗଡ଼ ପୂର୍ବତନ ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ଜୁନରେ ଅବସରଗ୍ରହଣ କଲାପରେ ସ୍ଥାନୀୟ ବିଡିଓ ଲୋକନାଥ ଶବର ତହସିଲଦାର ଦାୟିତ୍ୱରେ ଥିଲେ। ନୂଆ ତହସିଲଦାର ମୋନାଲିସାଙ୍କୁ କର୍ମଚାରୀମାନେ ସ୍ୱାଗତ କରିଥିଲେ।

### ଜାତୀୟ ହିନ୍ଦୀ ଦିବସ ପାଳିତ

ପାରଳାଖେମୁଣ୍ଡି,୧୪।୯(ଗିରିଧାରୀ ପରିଛା): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଜାତୀୟ ହିନ୍ଦୀ ଦିବସ ଶନିବାର ପାଳିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ସରୋଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ମନସ୍ୱିନୀ ଦାସ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଚନ୍ଦ୍ରଶେଖର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ହିନ୍ଦୀଭାଷାର ଗୁରୁତ୍ୱ, ମହତ୍ତ୍ୱ ଓ ଏହି ଭାଷାକୁ ଦୈନନ୍ଦିନ ଜୀବନରେ ବହୁଳ ମାତ୍ରାରେ ବ୍ୟବହାର କରିବାକୁ ମୁଖ୍ୟଅତିଥି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ହିନ୍ଦୀ ଆଚାର୍ଯ୍ୟ ଆଚାର୍ଯ୍ୟାମାନଙ୍କୁ ସମ୍ମାନିତ କରାଯାଇଥିଲା। ଆଚାର୍ଯ୍ୟ ବିଜୟ ଜେନା ଧନ୍ୟବାଦ ଦେଇଥିଲେ।

### ସପ୍ତାହବ୍ୟାପୀ ଭାଗବତ ପାରାୟଣ

ଶେରଗଡ,୧୪।୯(ସୂର୍ଯ୍ୟ ନାରାୟଣ ଦାଶ)– ବିଜୟରଘୁନାଥପୁର ଗ୍ରାମବାସୀ ନିଜ ଅଞ୍ଚଳରେ ଭାଗବତ ପାରାୟଣ ପରମ୍ପରାକୁ ବଜାୟ ରଖିଛନ୍ତି। ରାଧା ଅଷ୍ଟମୀଠାରୁ ଭାଦ୍ରବ ପୂର୍ଣ୍ଣିମା ପର୍ଯ୍ୟନ୍ତ ଭାଗବତ ପୋଥି ପାରାୟଣ କରୁଛନ୍ତି। ଦୁର୍ଗାପ୍ରସାଦ ସାମନ୍ତରାୟ, ପଦ୍ମନାଭ ସାମନ୍ତରାୟ, କୈଳାସ ଚନ୍ଦ୍ର ତ୍ରିପାଠୀ, ଗୌରାଙ୍ଗ ସାମନ୍ତରାୟ, ଦେବାନନ୍ଦ ମହାପାତ୍ର ଭାଗବତ ପାଠ କରୁଥିବା ବେଳେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପାରାୟଣ ଲାଗିଥାଏ। ୭ ଦିନ ବ୍ୟାପୀ ଚାଲୁଥିବା ଏହି ଭାଗବତ ସପ୍ତାହ ଭାଦ୍ରବ ପୂର୍ଣ୍ଣିମା ଉଦ୍‌ଯାପିତ ହେବ। ପୀତାମ୍ବର ମହାପାତ୍ର ଓ ଲକ୍ଷ୍ମୀକାନ୍ତ ମହାପାତ୍ର ସହଯୋଗ କରୁଛନ୍ତି।

# ୭ ଶହ ହିତାଧିକାରୀଙ୍କ ଜବ୍‌କାର୍ଡ କଟିଯାଇଥିବା ଅଭିଯୋଗ କଲେ ସରପଞ୍ଚ

ଦିଗପହଣ୍ଡି,୧୪।୯(ଅଶେଷ ନାଥ ମିଶ୍ର)



ଶିବିରରେ ବ୍ରହ୍ମପୁର ଉପ ଜିଲାପାଳ ନିଜ ବକ୍ତବ୍ୟ ରଖୁଛନ୍ତି।

ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷାଜନିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାମାଜିକ ସମୀକ୍ଷା ଉତ୍ତର ଦାୟିତ୍ୱ ଓ ସ୍ୱଚ୍ଛତା ସମିତି ଆନୁକୂଲ୍ୟରେ ହୋଇଥିବା ଏହି ଜନଶୁଣାଣିରେ ବ୍ରହ୍ମପୁର ଉପଜିଲାପାଳ ଧୀନା ଦସ୍ତାଗିର ଅଧ୍ୟକ୍ଷତା କରିଥିଲେ। ଭାରପ୍ରାପ୍ତ ବିଡିଓ ତଥା ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର ମିଶ୍ର ସ୍ୱାଗତ ସୂଚନା ଦେଇଥିଲେ। ଗଞ୍ଜାମ ଜିଲା ସାମାଜିକ ସମୀକ୍ଷକ ରବୀନ୍ଦ୍ରନାଥ ମଲାଣ, ବ୍ଲକ ଅଧ୍ୟକ୍ଷା ଯମୁନା ନାୟକ, ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରାଜୀବ ଚନ୍ଦ୍ର ପ୍ରଧାନ, ଏପିଓ ସନ୍ତୋଷ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତି ପଞ୍ଚାୟତରେ ଗତ ୨୦୨୩ ଅକ୍ଟୋବର ୧ରୁ ୨୦୨୪ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କରାଯାଇଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟଗୁଡ଼ିକର ସମୀକ୍ଷା କରାଯାଇଥିଲା। ବି. ତୁରୁବୁଡି ପଞ୍ଚାୟତରେ ୭ ଶହ ହିତାଧିକାରୀଙ୍କ ଜବକାର୍ଡ କଟିଯାଇଥିବା ନେଇ ସରପଞ୍ଚ ଲିଙ୍ଗରାଜ ଦୋରା ଅଭିଯୋଗ କରିଥିଲେ। ସେହିପରି ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ କେହି ଅଭିଜ୍ଞ କନିଷ୍ଠ ଯନ୍ତ୍ରୀ ନ ଥିବାରୁ ପ୍ରକଳ୍ପ କାର୍ଯ୍ୟଗୁଡ଼ିକର ନିର୍ଦ୍ଧାରିତ ସମୟରେ ବ୍ୟୟ ମଞ୍ଜୁରୀ ବିଲ୍ ହୋଇପାରୁ ନ ଥିବା ନେଇ ଜିଲା ପରିଷଦ ସଦସ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ କ୍ଷୋଭ ପ୍ରକାଶ କରିଥିଲେ। ମାଗଣା ଚାଉଳ ଏବଂ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ଯୋଗୁ ଜବକାର୍ଡ ହିତାଧିକାରୀ ପ୍ରକଳ୍ପ କାମ ପାଇଁ ଶ୍ରମିକ ଭାବେ କାର୍ଯ୍ୟ ଆସିବାକୁ ଅନିଚ୍ଛା ପ୍ରକାଶ କରୁଥିବା କରପଡ଼ା ସରପଞ୍ଚ ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ କହିଥିଲେ। ପଞ୍ଚାୟତଗୁଡ଼ିକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟକାରୀ ହେଉଥିବା ମୃତ୍ତିକା ସଂରକ୍ଷଣ, ବନ ବିଭାଗ, ଉଦ୍ୟାନ ବିଭାଗ ପକ୍ଷରୁ ଗ୍ରାମସଭା ହେଉଥିଲେ ମଧ୍ୟ ସରପଞ୍ଚଙ୍କୁ ଅବଗତ କରାଯାଉ ନ ଥିବା ପଦ୍ମନାଭପୁର ସରପଞ୍ଚ ପ୍ରତିନିଧି ବି . କ୍ରିଷ୍ଣାରାଓ ସୁବୁଦ୍ଧି ଅଭିଯୋଗ କରିଥିଲେ। ଉପଜିଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ଖୁବ୍‌ଶୀଘ୍ର ପ୍ରଶାସନ ପକ୍ଷରୁ ଏନେଇ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସମୀକ୍ଷକ ଶଙ୍କର ମିଶ୍ର, କନିଷ୍ଠ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ, ପିଇଓଙ୍କ ସମେତ ସରପଞ୍ଚ ବିଜୟ ପ୍ରଧାନ, ଗୀତାଞ୍ଜଳି ଜାନୀ, ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ପ୍ରଧାନ, ଚିତ୍ରସେନ ଗୌଡ, ଶିଶିର ପ୍ରଧାନ ଉପସ୍ଥିତ ଥିଲେ।

# ୧୮ରୁ ଧାରଣା ଦେବେ କନିଷ୍ଠ କିରାଣି

ଖଣ୍ଡପଡ଼ା,୧୪।୯(ଅଜୟ କୁମାର ମହାରଣା)

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର କନିଷ୍ଠ କିରାଣୀ ରବିନ୍ଦ୍ର ନାଥ ମିଶ୍ର ୨୦୨୦ ଜୁନ ୩୦ରେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ । ଅବସର ସମୟରେ ତାଙ୍କର ସମସ୍ତ ଇପିଏଫ୍ ଓ ପେନସନ କାର୍ଯ୍ୟର କାଗଜପତ୍ର ତୁରନ୍ତ ସମ୍ପନ୍ନ କରିବାକୁ ମିଶ୍ର ନିବେଦନ କରିଥିଲେ । ଗତ ଅଗଷ୍ଟ ଶେଷ ସୁଦ୍ଧା ସମ୍ପନ୍ନ କରିବାକୁ କଲେଜ କର୍ତ୍ତୃପକ୍ଷ ମିଶ୍ରଙ୍କୁ ପ୍ରତିଶ୍ରୁତି ଦେଇଥିଲେ । କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ମିଶ୍ର ଅଗଷ୍ଟ ମାସ ସୁଦ୍ଧା ଆବଶ୍ୟକ କାଗଜ ପତ୍ର କାର୍ଯ୍ୟ ସମ୍ପନ୍ନ ହେବା ପରେ ସେ ଇପିଏଫ୍ ଓ ପେନସନ ଅର୍ଥ ପାଇ ପାରିବେ ବୋଲି ଆଶା ପ୍ରକଟ କରିଥିଲେ । ମାତ୍ର ଏ ସମୟ ମଧ୍ୟରେ ମିଶ୍ରଙ୍କର କୌଣସି ଆବଶ୍ୟକ କାଗଜପତ୍ର ହୋଇ ନ ଥିବାରୁ ସେ ବାରମ୍ବାର କଲେଜ କର୍ତ୍ତୃପକ୍ଷ ଙ୍କୁ ସାକ୍ଷାତ କରି ନିବେଦନ କରିଥିଲେ ମଧ୍ୟ କୌସଣସି ସୁଫଳ ମିଳି ନ ଥିଲା । ଫଳରେ ମିଶ୍ର କଲେଜ କର୍ତ୍ତୃପକ୍ଷଙ୍କ

**ଇପିଏଫ୍ ଡିପୋଜିଟ୍, ପେନ୍‌ସନ ବ୍ୟବସ୍ଥା ଦାବି**

ଏତାଦୃଶ କାର୍ଯ୍ୟ ଶୈଳୀ ପ୍ରତି ଅସନ୍ତୋଷ ପ୍ରକାଶ କରି ଯଦି ଆସନ୍ତା ୧୮ ତାରିଖ ମଧ୍ୟରେ ତାଙ୍କର ଆବଶ୍ୟକ କାର୍ଯ୍ୟ ସମ୍ପନ୍ନ କରିବାରେ ବିଫଳ ହୁଅନ୍ତି ତେବେ ମିଶ୍ର, ତାଙ୍କ ସ୍ତ୍ରୀଙ୍କ ସହ କଲେଜ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ସେ ଏସମ୍ପର୍କରେ କଲେଜ ଅଧ୍ୟକ୍ଷଙ୍କ ସହିତ ସ୍ଥାନୀୟ ଫାଣ୍ଡି ଅଧିକାରୀ ଓ ସ୍ଥାନୀୟ ସରପଞ୍ଚଙ୍କୁ ଲିଖିତ ଭାବେ ଅବଗତ କରିଥିବା ଜଣାପଡିଛି। ତେବେ ଏ ସମ୍ପର୍କରେ ନୀଳମାଧବ ମହାବିଦ୍ୟାଳୟର ଅଧ୍ୟକ୍ଷ ରଣଜିତ କୁମାର ତ୍ରିପାଠୀଙ୍କ ସହ ଯୋଗାଯୋଗ କରିବାରେ ତାଙ୍କର କାଗଜପତ୍ର କାର୍ଯ୍ୟ ଚାଲିଛି। ଅଉ ୩/୪ଦିନ ମଧ୍ୟରେ ତାଙ୍କର ସମସ୍ତ କାର୍ଯ୍ୟ ଶେଷ ହୋଇଯିବ ବୋଲି ତ୍ରିପାଠୀ ପ୍ରକାଶ କରିଛନ୍ତି।

# କଳାଶ୍ରମ ଆଇନ ବିରୋଧରେ ୨୩ରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି

ନୟାଗଡ,୧୪।୯(ଲୋକନାଥ ମିଶ୍ର)

କଳା ଶ୍ରମ ଆଇନ ବିରୋଧରେ ଚଳିତ ମାସ ୨୩ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବା ପାଇଁ ନୟାଗଡ଼ ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସର ନୟାଗଡ ଜିଲା ଶାଖା ପକ୍ଷରୁ ଶନିବାର ପ୍ରସ୍ତୁତି ଆରମ୍ଭ ହୋଇଛି। ଆନ୍ଦୋଳନକୁ ସଫଳ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଏନେଇ ବିଦ୍ୟୁତ୍ କର୍ମଚାରୀ ନେତା କମଳେଶ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏଆଇଟିୟୁସିର ସାଧାରଣ ସମ୍ପାଦକ ବିଜୟ ଜେନା, ଏଆଇଟିୟୁସିର ନେତା ସୁର ଜେନା, ସିପିଆଇ(ଏମ) ନେତା ଆଇନଜିବୀ ଅମୀୟ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଆନ୍ଦୋଳର ରୂପରେଖ ବିଷୟରେ ଆଲୋଚନା କରିଥିଲେ। କେନ୍ଦ୍ରରେ ଭାଜପା ସରକାର ୪୪ ଗୋଟି ଶ୍ରମ ଆଇନକୁ ପରିବର୍ତ୍ତନ କରି ଶ୍ରମିକ ବିରୋଧ କର୍ପୋରେଟ ସ୍ୱାର୍ଥରେ ୪ଟି ଶ୍ରମ ଆଇନ ସଂସଦରେ ଅନୁମୋଦନ କରିବା ପରେ ୨୩ ସେପ୍ଟେମ୍ବରକୁ କଳା ଦିବସ ରୂପେ ପାଳନ କରାଯାଉଛି। ଅପରପକ୍ଷେ ଆଗାମୀ ସମ୍ମିଳନୀ ପର୍ଯ୍ୟନ୍ତ ଏଆଇଟିୟୁସିର ଏକ ଅସ୍ଥାୟୀ କମିଟି ଗଠନ କରାଯାଇଛି। ଏଥିରେ କମଳେଶ ଦାସଙ୍କୁ ଆବାହକ, ଇତି ମାନସିଂହ ଓ କଳ୍ପନା ଦଳେଇଙ୍କୁ ଯୁଗ୍ମ ଆବାହକ ଭାବେ ନିର୍ବାଚିତ କରାଯାଇଛି। କମିଟିରେ ଚିତ୍ତରଞ୍ଜନ ସାହୁ, ପବିତ୍ର ବେହେରା, ମନୋଜ ପାତ୍ର, ପ୍ରଶାନ୍ତ ବେହେରା, ମନୋରଞ୍ଜନ ମହାରଣା, ରାଜଲକ୍ଷ୍ମୀ ସାମନ୍ତରାୟ, ଭୁବନ ଚାନ୍ଦଙ୍କୁ ରଖାଯାଇଛି।

# ନୀଳମାଧବ ପୀଠରେ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ

ଖଣ୍ଡପଡ଼ା,୧୪।୯
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିରରେ ଶନିବାର ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି । ଭାଦ୍ରବ ଶୁକ୍ଳପକ୍ଷ ଏକାଦଶୀରୁ ଭଗବାନ ବିଷ୍ଣୁ ଶୟନ କରି କାର୍ତ୍ତିକ ଏକାଦଶୀରେ ନିଦ୍ରା ତ୍ୟାଗ କରିଥାଆନ୍ତି । ଭାଦ୍ରବ ଶୁକ୍ଳ ପକ୍ଷରେ ଶ୍ରୀଜୀଉ କଡ ଲେଉଟାଉଥିବାରୁ ଏହାକୁ ଠାକୁରଙ୍କ ପାର୍ଶ୍ୱ ପରିବର୍ତ୍ତନ କୁହାଯାଏ । ଏହି ଅବସରରେ ନୀଳମାଧବ ଜୀଉ ମନ୍ଦିରରେ ସ୍ୱତନ୍ତ୍ର ନୀତିଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ସକାଳ ଧୂପ ସମ୍ପନ୍ନ ପରେ ଅପରାହ୍ନ ପ୍ରାୟ ସାଢେ଼ ୧୨ଟାରେ ବେଢା ପରିକ୍ରମା ପରେ ମଙ୍ଗଳାର୍ପଣ ହୋଇଥିଲା । ରାତିରେ ପୁନର୍ବାର ୩ ଘେରା ବେଢା ପରିକ୍ରମା ପରେ ମହାଦୀପ ଉଠିଥିଲା । ଠାକୁରଙ୍କ ବଡ଼ ଏକାଦଶୀ ବେଶ ଦର୍ଶନ କରିବା ପାଇଁ ଶତାଧିକ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ ।

# ଜେଲ ଗଲେ ବାଇକ୍ ଲୁଟେରା




ଜବତ ହୋଇଥିବା ବାଇକ୍ ଓ ଗିରଫ ଅଭିଯୁକ୍ତ।

ନୟାଗଡ଼,୧୪।୯ (ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ପୋଲିସ ଜଣେ ବାଇକ୍ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଇଟାମାଟି ଥାନା ଶରଧାପୁର ଗାଁର ଜିତେନ୍ଦ୍ର ପ୍ରଧାନ(୩୨)ଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଜିତେନ୍ଦ୍ର ଗତ ୩ ବର୍ଷ ଧରି ନୟାଗଡ଼ ଓ ପୁରୀ ଜିଲାରୁ ବାଇକ୍ ଚୋରି କରୁଥିଲେ। ସୂଚନା ଅନୁସାରେ ଗତ ଶୁକ୍ରବାର ଖଣ୍ଡପଡ଼ ରୋଡରେ ପୋଲିସ ପାଟ୍ରୋଲିଂ ହେଉଥିଲା। ରେଳବାଇ ଓଭରବ୍ରିଜ ନିକଟରେ ଓଆର୦୨ ଏକେ

**୪ ଚୋରା ବାଇକ୍ ଜବତ**

୪୯୩୮ ନଂ ବାଇକର ନମ୍ବର ଉପରେ ସନ୍ଦେହ ହେବାରୁ ପୋଲିସ ବାଇକକୁ ରଖି ଆରୋହୀ ଶରଧାପୁର ଗାଁର ଜିତେନ୍ଦ୍ର ପ୍ରଧାନଙ୍କୁ ପଚରାଉଚୁରା ଓ ନମ୍ବର ଯାଞ୍ଚ କରିଥିଲା। ନମ୍ବର ଯାଞ୍ଚରୁ ବାଇକ୍‌ଟି ଚୋରା ଗାଡି ବୋଲି ଜଣାପଡିଥିଲା। ଖୋଳତାଡ ପରେ ପୋଲିସ ନମ୍ବର ନ ଥିବା ଏକ ବାଇକ୍ ସହ ଓଡି ୦୨ ୟୁ ୯୦୫୧ ଏବଂ ଓଡି୦୯ ଜି ୩୩୩୮ ନଂର ୩ଟିବାଇକ ଜବତ କରିଥିଲା। ପୋଲିସ ୩୪୧/୨୪ରେ ମାମଲା ରୁଜୁ କରି ଜିତେନ୍ଦ୍ରଙ୍କୁ ଗିରଫ କରିଥିଲା।

# ବାଇଚଢେଇର ବଂଶବୃଦ୍ଧି, ବଜ୍ରପାତରୁ ରକ୍ଷା ଉପରେ ଗୁରୁତ୍ୱ

ଖଣ୍ଡପଡ଼ା,୧୪।୯(ଅଜୟ କୁମାର ମହାରଣା)

**ତାଳ, ଖଜୁରୀ ଗଛ ରୋପଣ କରାଯିବ**



ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ, ଜଙ୍ଗଲ ସୁରକ୍ଷା, ମାଟି, ପାଣି, ପବନ ଆଦିର ସମତୁଲ ରକ୍ଷା ସହିତ ପଶୁପକ୍ଷୀ, କୀଟପତଙ୍ଗ, ନାନାଦି ସରୀସୃପଙ୍କ ସୁରକ୍ଷା ଓ ବିକାଶ ଜରୁରୀ ହୋଇପଡିଛି । ଏହାଛଡା ପ୍ରାକୃତିକ ବିପର୍ଯ୍ୟୟ ବଜ୍ରପାତରୁ ମାନବ ସମାଜକୁ ସୁରକ୍ଷା ଦେଉଥିବା ତାଳଗଛ ଏବେ ବିଲୁପ୍ତର ଦ୍ୱାରଦେଶରେ ପହଞ୍ଚିଛି । ସାଧାରଣତଃ ଦେଖାଯାଏ ସରକାରୀସ୍ତରରେ ଚାରା ରୋପଣ ଓ ଜଙ୍ଗଲ, ଗଛଲତାର ସୁରକ୍ଷା ପାଇଁ ଯେପରି ଭାବେ ଯତ୍ନନିଆଯାଉଛି ପଶୁପକ୍ଷୀମାନଙ୍କର ସୁରକ୍ଷା ସହିତ ବଜ୍ରପାତରୁ ରକ୍ଷା ପାଇଁ ତାଳ, ଖଜୁରୀ ଗଛର ସୁରକ୍ଷା ତଥା ଚାରା ରୋପଣ ଦିଗରେ ବିଭାଗୀୟ ଅଧିକାରୀମାନେ ସେତିକି ନଜର ଦେଉ ନାହାନ୍ତି । ସେମାନଙ୍କୁ ଅଣଦେଖା କରାଯାଉଥିବା ବୁଦ୍ଧିଜିବୀ ମହଲରେ ଅସନ୍ତୋଷ ସୃଷ୍ଟି କରିଛି ।

ଖଣ୍ଡପଡ଼ା ବ୍ଲକ୍ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗତ କିଛି ବର୍ଷ ତଳେ ବହୁ ସଂଖ୍ୟାରେ ତାଳଗଛ ଦେଖିବାକୁ ମିଳୁଥିଲା । ସମୟ ଥିଲା ନଦୀ ପଠା, ସଂରକ୍ଷିତ ଜଙ୍ଗଲ ଜମି, ଅନାବାଦି ଗୋଚର ଯାଗା, ବିଲମାଳରେ ଏବଂ ଜଳସମ୍ପଦ ବିଭାଗ ମାଳବନ୍ଧର ଉଭୟ ପାର୍ଶ୍ୱରେ ଲଗାଯାଇଥିବା ତାଳ ଓ ଖଜୁରୀ ଗଛର ବାହୁଙ୍ଗାକୁ ନିକଟବର୍ତ୍ତୀ ଅଞ୍ଚଳର ଲୋକେ କାଟି ନେଉଥିଲେ । କାଠ ବ୍ୟବସାୟୀ, ଇଟାଭାଟି ମାଲିକଙ୍କ ଯୋଗୁ ପ୍ରତିବର୍ଷ ଶତାଧିକ ତାଳ ଓ ଖଜୁରି ଗଛ ବଳି ପଡୁଛି । ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ସବୁ ଦେଖି କିଛି ନ ଦେଖିବା ନ୍ୟାୟରେ ନୀରବଦ୍ରଷ୍ଟା ସାଜିଛନ୍ତି । ଗାଁ ପରିବେଶରୁ ତାଳଗଛ ସଂଖ୍ୟା ଉଦ୍‌ବେଗଜନକ ଭାବେ ହ୍ରାସ ପାଉଛି । ଗାଁ ଗହଳରେ ବାଇ ଚଢେଇ ଓ ଘରଚଟିଆ ପକ୍ଷୀ ଆଉ ଦେଖିବାକୁ ମିଳୁନାହିଁ । ଏହି ୨ପକ୍ଷୀଙ୍କ ପରିବେଶ ସନ୍ତୁଳନ ଉପରେ ପ୍ରଭାବ ପକାଉ ଥିବା ବେଳେ ବିଭିନ୍ନ ଦୈବୀ ଦୁର୍ବିପାକର ପୂର୍ବ ସୂଚନା ଏମାନଙ୍କ ଗତିବିଧିରୁ ସୂଚନା ମିଳିଥାଏ । ତେଣୁ ସାଧାରଣରେ ସଚେତନତା ସୃଷ୍ଟି ସହ ତାଳ ଗଛର ସୁରକ୍ଷା ଓ ବିଭିନ୍ନ ସ୍ଥାନରେ ନୂତନ ତାଳଗଛ ରୋପଣ ଉପରେ ଗୁରୁତ୍ୱ ଦେବାକୁ ଖଣ୍ଡପଡ଼ା ଅଞ୍ଚଳର ପରିବେଶବିତ୍‌ମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନ କୁହନ୍ତି, ଆସନ୍ତା ବର୍ଷଠାରୁ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ୟାପକ ତାଳ ଚାରା ରୋପଣ କରାଯିବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

# କୁଜାମେଣ୍ଡିରେ ଆୟୁଷ୍ମାନ ଆରୋଗ୍ୟ ସ୍ୱାସ୍ଥ୍ୟ ଶିବିର

ଦଶପଲ୍ଲା,୧୪।୯ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ପଶ୍ଚିମାଞ୍ଚଳର ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ ଭାବେ ପରିଚିତ କୁଜାମେଣ୍ଡି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଆୟୁଷ୍ମାନ ଆରୋଗ୍ୟ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ କୁଜାମେଣ୍ଡି ଗ୍ରାମପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ କୁଜାମେଣ୍ଡି, ବଣି, ପ୍ରଧାନପଡା, ମୁଣ୍ଡୁଳା, କଳାକିଆରୀ, ଅନ୍ଧାରବାଡି, ରୁପାଝରୀ, ଗୁଣ୍ଡୁରି ବାରୀ,ବନ୍ଧ ଖମଣ, ବିଜା ତଇଳା , କୁରାଡିନିଶା, ଦଶନିପଡା ପ୍ରଭୃତି ଗ୍ରାମର ୧୧୮ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣା ଔଷଧ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଡାକ୍ତର ରଞ୍ଜନ କୁମାର ମଲିକ, ଫାର୍ମାସିଷ୍ଟ ସୌର୍ଯ୍ୟ ରଞ୍ଜନ ଖୁଣ୍ଟିଆ, ଏଲଟି ଆୟୁଷୀ ବେହେରା, ଏଏନଏମ ରଶ୍ମିତା ବେହେରା ପରିଚାଳନା କରିଥିଲେ । କୁଜାମେଣ୍ଡି ସବ – ସେଣ୍ଟରର ସମସ୍ତ ଆଶାକର୍ମୀ ସହଯୋଗ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିର ପ୍ରତି ମାସର ଦ୍ୱିତୀୟ ଗୁରୁବାର ଅନୁଷ୍ଠିତ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

# ନୂଆ ଜଙ୍ଗଲରେ ବନବିଭାଗର ଚଢ଼ାଉ

ଓଡ଼ଗାଁ,୧୪।୯
(ଆଦର୍ଶ କୁମାର ପଟ୍ଟନାୟକ)

ଶନିବାର ଓଡ଼ଗାଁ ବନ ବିଭାଗ ପକ୍ଷରୁ ନୂଆ ଜଙ୍ଗଲରେ ୨ ସ୍ଥାନରେ ଚଢାଉ କରାଯାଇ ୩୦ ସିପ୍ଟ କାଠ ଜବତ କରାଯାଇଛି । ଗୋଟିଏ ସ୍ଥାନରୁ ଶାଗୁଆନ, ଗମ୍ଭାରି, ଶିରିସ ପଟା ଓ କାଠଗଣ୍ଡି ଜବତ କରାଯାଇଥିଲା। ଏହି ଘଟଣାରେ କାଠ କାଟୁଥିବା ୨ କରତିଆଙ୍କୁ ବନାଞ୍ଚଳ କାର୍ଯ୍ୟାଳୟରେ ଅଟକ ରଖାଯାଇଛି । ସେହିପରି ଅନ୍ୟ

**୩୦ ସିପ୍ଟକାଠ ଜବତ**

ଏକ ସ୍ଥାନରୁ ଅର୍ଦ୍ଧନିର୍ମିତ ଫର୍ନିଚର ଜବତ କରାଯାଇଛି। ସମସ୍ତ ଜବତ କାଠର ମୂଲ୍ୟ ଆନୁମାନିକ ୪୦ ହଜାର ଟଙ୍କା ହେବ । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.ଓଆର ନମ୍ବର ୨୦/୨୪/୨୫) ରୁଜୁ କରାଯାଇଛି । ଅର୍ଦ୍ଧନିର୍ମିତ ଫର୍ନିଚର ଜବତ ଘଟଣାରେ ଅନ୍ୟ ଏକ ମାମଲା (ନଂ.୧୧/୨୪/୨୫) ରୁଜୁ ହୋଇଛି ।

# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ, ହିନ୍ଦୀ ଦିବସ ପାଳିତ

ଆର.ଉଦୟଗିରି,୧୪।୯
(ମନୋଜ କୁମାର ପାଢୀ)

ମହେନ୍ଦ୍ରଗଡ଼ସ୍ଥିତ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ବିଶ୍ୱ ପ୍ରାଥମିକ ଚିକିତ୍ସା ଓ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ରେଡ଼କ୍ରସ ଅଧିକାରୀ ସଞ୍ଜୀବ ଦାସ ଯୋଗଦେଇ ହଠାତ୍ ଆବଶ୍ୟକ ପଡ଼ିଲେ ପ୍ରାଥମିକ ଚିକିତ୍ସା କିପରି କରିବ ସେ ସମ୍ପର୍କରେ ମତ ରଖିଥିଲେ। ସମ୍ବଳ ସାଧନ କର୍ମୀ ସୁବାସ ଚନ୍ଦ୍ର ସାହୁ ବିଦ୍ୟାଳୟରେ କିପରି ପ୍ରାଥମିକ ଚିକିତ୍ସାର ଉପଯୋଗ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଅଗ୍ନି ସୁରକ୍ଷା ସମ୍ପର୍କରେ ମୁଖ୍ୟ ଅଗ୍ନିଶମ ଅଧିକାରୀ କୁନା ଦଳାଇ ବୁଝାଇ ଯେ କୌଣସି ପରିସ୍ଥିତିରେ ନିଆଁ ଲାଗିଲେ କିଭଳି ନିଆଁକୁ ଆୟତ୍ତ କରି ନିଜ ଧନ ଜୀବନ ରକ୍ଷା କରିପାରିବେ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଭୂମିକମ୍ପ, ବନ୍ୟା ବାତ୍ୟାରୁ କିଭଳି ରକ୍ଷା ପାଇପାରିବେ ସେ ନେଇ ଡେମୋ ଦେଖାଇ ବୁଝାଇଥିଲେ। ସେହିଭଳି ହିନ୍ଦୀ ଦିବସ ପାଳନ ଅବସରରେ ହିନ୍ଦୀ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ହିନ୍ଦୀ ଦିବସ ସମ୍ପର୍କରେ ବୁଝାଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଷ୍ଟ୍ରଭାଷା ହିନ୍ଦୀ ଉପରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର କରାଯାଇଥିଲା।

# ୧୭ରେ ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ

ଖଣ୍ଡପଡ଼ା,୧୪।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ ଆସନ୍ତା ୧୭ରେ ଅନାସ୍ଥା ଭୋଟର ସମ୍ମୁଖୀନ ହେବେ । ଏଥିପାଇଁ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏ ପରିପ୍ରେକ୍ଷୀରେ ବିଜେଡିର ସମସ୍ତ କାଉନସିଲରଙ୍କୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ହ୍ୱିପ ଜାରି କରିଛନ୍ତି । ବିଜେଡିର ସମସ୍ତ କାଉନସିଲର ଯେପରି ଅନାସ୍ଥା ସପକ୍ଷରେ ଭୋଟ ଦେବେ ସେଥି ପାଇଁ ବିଜେଡି ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ନୟାଗଡ ବିଧାୟକ ଡ.ଅରୁଣ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଜେଡି କାଉନସିଲରମାନେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ରହିଛି। ଏ ସମ୍ପର୍କୀତ ଚିଠି ୧୦ନଂ. ୱାର୍ଡର ବିଜେଡି କାଉନସିଲର ସତ୍ୟପ୍ରିୟ ମହାପାତ୍ରଙ୍କ ସମେତ ନିର୍ବାଚିତ ୮ ବିଜେଡି କାଉନସିଲଙ୍କୁ ପ୍ରଦାନ କରାଯାଇଛି।

# ବିଜ୍ଞାନ ନାଟକରେ ଅନସ୍ଲୋ ବିଦ୍ୟାଳୟ ରାଜ୍ୟସ୍ତରକୁ ମନୋନୀତ




ଛତ୍ରପୁର,୧୪।୯ (ଦିଲ୍ଲୀପ ସାମଲ): ଶିକ୍ଷକ ଶିକ୍ଷା ଓ ରାଜ୍ୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଆୟୋଜିତ ଜୋନାଲସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଗଞ୍ଜାମ ଜିଲା ଛତ୍ରପୁରର ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଜୋନାଲ ସ୍ତରରେ ୬ଟି ଜିଲା ନୟାଗଡ, ବୌଦ୍ଧ, ବଲାଙ୍ଗୀର, କନ୍ଧମାଳ ଓ ଗଜପତି ଜିଲାର ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ବିଚାରପତିମାନେ ଏହାର ମୂଲ୍ୟାୟନ କରି ଅନସ୍ଲୋ ବିଦ୍ୟାଳୟକୁ ରାଜ୍ୟସ୍ତରକୁ ଯିବାକୁ ଯୋଗ୍ୟ ବିବେଚିତ କରିଛନ୍ତି। ବିଦ୍ୟାଳୟର ବ୍ଲେସି ପ୍ରଧାନ ଓ ଅଞ୍ଜନା ଶ୍ରୀବାତ୍ସ୍ୟାଙ୍କ ଦିଗଦର୍ଶନରେ ପିଲାମାନଙ୍କ ପ୍ରତିଭା ଓ ପରିଶ୍ରମ ସେମାନଙ୍କୁ ଏହି ସଫଳତା ଆଣିଦେଇଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ କହିଛନ୍ତି। ଏହି ଜୋନାଲସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ କଳାକାର ଭାବେ ଅନସ୍ଲୋ ହାଇସ୍କୁଲର ଶୁଭଶ୍ରୀ ବେହେରା, ଶ୍ରେଷ୍ଠ ମହିଳା ଅଭିନେତ୍ରୀ ଭାବେ ପ୍ରିୟଙ୍କା ତିର୍କୀ ଓ ଶ୍ରେଷ୍ଠ ନିର୍ଦ୍ଦେଶିକା ରୂପେ ବ୍ଲେସି ପ୍ରଧାନ ପୁରସ୍କୃତ ହୋଇଛନ୍ତି ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଆର.ଉଦୟଗିରି,୧୪।୯(ମନୋଜ କୁମାର ପାଢ଼ୀ): ଆର. ଉଦୟଗିରି ବ୍ଲକ ଛେଳିଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବର ଉଦ୍‌ଘାଟନ କରିଥିଲେ। ଉପାଧ୍ୟକ୍ଷା ଶ୍ରୀମତୀ ବିଜୟଲକ୍ଷ୍ମୀ ପଟ୍ଟନାୟକ, ସରପଞ୍ଚ ଶ୍ରୀମତୀ ସନ୍ତୋଷିନୀ ପାଇକ, ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷା ଶ୍ରୀମତୀ ସୌଦାମିନୀ ଜେନା, ଗୋଷ୍ଠୀ ଶିକ୍ଷାଧିକାରୀ ବୀରେନ୍ଦ୍ର ମଣ୍ଡଳ, କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକନାଥ ନାହାକ ଓ ପ୍ରଧାନ ଶିକ୍ଷକ ବନମାଳୀ ବଡ଼ରଇତ ମଞ୍ଚାସୀନ ଥିଲେ। ଏହି ପ୍ରତିଯୋଗିତାରେ ବ୍ଲକର ୧୮ ବିଦ୍ୟାଳୟର ପ୍ରାୟ ୩୫୦ ଛାତ୍ରୀଛାତ୍ର ଓ ପ୍ରତି ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅଂଶ ଗ୍ରହଣ କରିଛନ୍ତି।

**ଧରାକୋଟ, (ବିଷ୍ଣୁ କେଶରୀ ଆଚାର୍ଯ୍ୟ):** ଧରାକୋଟ ବ୍ଲକ ଅନ୍ତର୍ଗତ ଡାକିବଜାସ୍ଥିତ ଘୋଡାଦେଇ ଉଚ୍ଚ ବିଦ୍ୟାଳୟରେ ସବ୍ ଜୋନସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୧ଟି ବିଦ୍ୟାଳୟର ୧୪ ଓ ୧୭ ବର୍ଷ ବୟସରୁ କମ ୨୭୫ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବ୍ଲକ କ୍ରୀଡ଼ା ସଂଘ ସଭାପତି ତଥା ବିଇଓ ଲିଙ୍ଗରାଜ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିବା ବେଳେ ଅତିଥି ଭାବରେ ଏବିଇଓ ସୀମାଞ୍ଚଳ ବେହେରା, ବିଭୂତି ଭୂଷଣ ପାତ୍ର, ପାଟପୁର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ମମତା କୁମାରୀ ଦେବୀ, କ୍ରୀଡ଼ା ସଂଘ ସମ୍ପାଦକ ପାଣ୍ଡବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ୧୨୫ ଜଣ ଧରାକୋଟ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟସ୍ଥିତ ମିନି ଷ୍ଟାଡିୟମରେ ହେବାକୁଥିବା ବ୍ଲକସ୍ତରୀୟ କ୍ରୀଡ଼ାରେ ଅଂଶ ଗ୍ରହଣ କରିବେ। କ୍ରୀଡ଼ା ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ହର୍ଷ ବିଶୋଇ, ଅନିଲ ନାୟକ, ମଙ୍ଗୁଲୁ ଜେନା, ବିଶ୍ୱଜୀବନ ସାହୁ, ଭାଗୀରଥି ବେହେରା ଓ ଲକ୍ଷ୍ମୀ ନାରାୟଣ ବେହେରା ପରିଚାଳନା କରିଥିଲେ।

**ଶେରଗଡ,(ସୂର୍ଯ୍ୟ ନାରାୟଣ ଦାଶ)** ଶେରଗଡ ବ୍ଲକ୍‌ସ୍ତରୀୟ ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଯୋଗିତା ଶନିବାର ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଛି। ଏହାକୁ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ବିଇଓ ଉପେନ୍ଦ୍ର ପାଢୀ, ଏବିଇଓ ଶୈରନ୍ଧ୍ରୀ ଦଳେଇଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୋଖୋ, କବାଡି, ଉଚ୍ଚଡିଆଁ, ଲମ୍ବା ଡିଆଁ, ଦୌଡ, ଶଟପୁଟ, ଡିସ୍‌କସ ଥ୍ରୋ ଓ ଯୋଗ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ ୬୫୦ ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ପ୍ରତି ବିଭାଗରୁ ତିନିଜଣ ଖେଳାଳିଙ୍କୁ ଜିଲାସ୍ତର ଖେଳକୁଦ ପ୍ରତିଯୋଗିତାକୁ ଚୟନ କରାଯାଇଛି।

# ଦାନ୍ତ ଘଷା, ବିଡ଼ିଆ ପାନ ପରମ୍ପରା ଆରମ୍ଭ

## ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର

- ଡମ୍ବରୁ ଆଳତି ଓ ମହାଲକ୍ଷ୍ମୀଙ୍କ ମାଜଣା ଆଳତି ଲାଗୁ
- ୧୧ ବର୍ଷ ତଳେ ବନ୍ଦ ହୋଇଥିଲା ୨ ଆଳତି
- ମନ୍ଦିର ଆୟ ବୃଦ୍ଧି ପାଇଁ ଲାଗୁ ହେଲା ନିୟମ
- ସ୍ୱାଦିଷ୍ଟ ପାଇଁ ବଦଳିବ ଭୋଗର ଗୁଣବତ୍ତା

ନୟାଗଡ଼,୧୪।୯(ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣା ସହରରେ ପୂଜା ପାଉଥିବା ଜଗନ୍ନାଥ ମହାପ୍ରଭୁଙ୍କ ବନ୍ଦ ହୋଇଥିବା ନୀତି ପୁଣିଥରେ ପ୍ରଚଳନ କରାଯାଇଛି। ଏଣୁ ମହାପ୍ରଭୁ ୮ ବର୍ଷ ପରେ ଦାନ୍ତ ଘସି ବିଡିଆ ପାନ ଖାଇବାର ପରମ୍ପରା ଦେଖିବାକୁ ମିଳୁଛି। ସେହିପରି ଡମ୍ବରୁ ଆଳତି ଓ ମହାଲକ୍ଷ୍ମୀଙ୍କ ମାଜଣା ଆଳତି ନୀତି ପୁଣି ଲାଗୁ କରାଯାଇଛି। ୧୧ ବର୍ଷ ତଳେ ଦୁଇ ଆଳତି ବନ୍ଦ ହୋଇ ଯାଇଥିଲା। ଡମ୍ବରୁ ଆଳତି ପ୍ରତ୍ୟହ ରାତି ୮ଟା ୪୫ରୁ ୯ଟା ମଧ୍ୟରେ ୫ରୁ ୧୦ ମିନିଟ କରାଯାଉଛି। ପୁଣି ମହଲକ୍ଷ୍ମୀ ମାଜଣା ଆଳତି ପ୍ରତି ଗୁରୁବାର ଭୋର ସମୟରେ କରାଯାଉଛି। ମନ୍ଦିର ବଡପଣ୍ଡା ଆଳତି କରି ଠାକୁର ଠାକୁରାଣୀଙ୍କୁ ସମର୍ପଣ କରିଛନ୍ତି। ଅନ୍ୟପକ୍ଷେ ସେବାୟତଙ୍କର ଦରମା ବୃଦ୍ଧି କରାଯାଇଛି ଓ ମନ୍ଦିର ଆୟର ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇଛି। ମନ୍ଦିରରେ ବିବାହ କଲେ ୧ ହଜାର, ବ୍ରତ ଘର କଲେ ୧ ହଜାର, ନିର୍ବନ୍ଧ କଲେ ୭୫୧, ଶ୍ରାଦ୍ଧ କଲେ ୫୦ ଟଙ୍କା ଦେବାକୁ ପଡିବ। ଏଥିପାଇଁ ବିଜ୍ଞାପନ ବି ପ୍ରକାଶ ପାଇଛି। ମନ୍ଦିରରେ ମନଇଚ୍ଛା କୌଣସି କାର୍ଯ୍ୟକ୍ରମ କରାଯାଇ ପାରିବ ନାହିଁ। ମନ୍ଦିର ପ୍ରଶାସନର ଅନୁମତି ନେଇ ସବୁ କିଛି କରିବାକୁ ପଡିବ। ଭୋଗର ଗୁଣବତ୍ତା ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି। କାନ୍ତି ଭୋଗ ୬ଟଙ୍କା ପରିବର୍ତ୍ତେ ୧୦ ଟଙ୍କାରେ ବିକ୍ରି ହେବ। ସେହିଭଳି ଟେରା କାକେରା ୨୦ରୁ ୩୦ ଟଙ୍କାକୁ ବୃଦ୍ଧି ପାଇବ। ନୂଆକରି ମାଲପୁଆ ଭୋଗ ୧୦ ଟଙ୍କାରେ ମିଳିବ।

**ପହଣ୍ଡି ସେବାୟତଙ୍କୁ ଅବଢ଼ା ଦାୟିତ୍ୱ:** ପହଣ୍ଡି ସେବାୟତଙ୍କୁ ଅବଢ଼ା ଦାୟିତ୍ୱ ପ୍ରଦାନ କରାଯାଇଛି। ଦେବୋତ୍ତର ବିଭାଗ ଓ ପହଣ୍ଡି ସେବାୟତଙ୍କ ମିଳିତ ଉଦ୍ୟମରେ ଅବଢ଼ା ପ୍ରସ୍ତୁତ ଏବେ କିଛି ଦିନ ହେଲା ହେଉଛି। ଆଗକୁ ଆଶ୍ୱିନ ଓ କାର୍ତ୍ତିକ ମାସ ଥିବାରୁ ଅବଢ଼ା ପ୍ରସ୍ତୁତ



କରିବାର ବ୍ୟବସ୍ଥାକୁ ଭକ୍ତମାନେ ସ୍ୱାଗତ କରିଛନ୍ତି। ପ୍ରକାଶ ଯେ, ନୟାଗଡ ପୁରୁଣା ସହରର ଜଗନ୍ନାଥ ମହାପ୍ରଭୁଙ୍କ ଅବଢ଼ା ନିଲାମରେ ଚଞ୍ଚକତା କରାଯାଇ ଠାକୁରଙ୍କୁ ବି ଠକେଇ କରାଯାଉଥିବାର ଜିଲାପାଳ, ଉପଜିଲାପାଳ, ଦେବୋତ୍ତର ମ୍ୟାନେଜରଙ୍କ ପାଖରେ ଅଭିଯୋଗ ହୋଇ ଆସୁଛି। ନିଲାମ ପରେ ୫୦ ପ୍ରତିଶତ ଅର୍ଥ ପଇଠ କରାଯିବାର ନିୟମ ରହିଥିଲେ ହେଁ ଦେବୋତ୍ତର ବିଭାଗ ପକ୍ଷରୁ ଏଥିପ୍ରତି ଅଣଦେଖା କରାଯାଉଥିଲା। ଏଣୁ ପ୍ରତି ବର୍ଷ ଅବଢ଼ା ପାଇଁ ନିଲାମ ହେଉଥିବାବେଳେ ନିଲାମ ଟଙ୍କାରୁ ଅଧା ଟଙ୍କା ଠାକୁର ରାଜସ୍ୱ ପାଉ ନ ଥିଲେ। ପ୍ରତିବର୍ଷ ଏଭଳି ଠକେଇ ଚାଲିଥିବାବେଳେ ଏହାକୁ ବନ୍ଦ କରିବାକୁ ପଦକ୍ଷେପ ନ ଥିଲା। ଅନ୍ୟପକ୍ଷେ ନିଲାମ ଟଙ୍କା ପାଇବା ପାଇଁ ମନ୍ଦିର ପ୍ରଶାସନ ରିକୋଭରି ବ୍ୟବସ୍ଥା ଲାଗୁ କରୁ ନ ଥିବାରୁ ଜଗନ୍ନାଥ ମହାପ୍ରଭୁଙ୍କର କ୍ଷତି ହୋଇ ଚାଲିଛି। ଏଣୁ ରିକୋଭରି ବ୍ୟବସ୍ଥା ନ ଥିବାରୁ କେତେଜଣ ଲୋକ ଅଭଡା ନିଲାମ ଟଙ୍କାକୁ ବକେୟା ରଖି ନିଜ ପରିବାର ସଦସ୍ୟ, ବନ୍ଧୁ ବାନ୍ଧବ, ନିଜ ଲୋକ ସହାୟତାରେ ନିଲାମ ନେଇ ଲାଭ ହେଉଛନ୍ତି। ରଥଯାତ୍ରାର ପ୍ରସ୍ତୁତି ବୈଠକରେ ଏନେଇ ହୋହାଲା ପାଟିତୁଣ୍ଡ ବି ବିଭିନ୍ନ ସମୟରେ ହୋଇଛି। ତଥାପି କିଛି ପରିବର୍ତ୍ତନ ଆସୁ ନ ଥିଲା। ମନ୍ଦିର ପ୍ରଶାସନ, ଦେବୋତ୍ତର ବିଭାଗ ଓ ଉପଜିଲାପାଳ ଅବଢ଼ାର ଅବ୍ୟବସ୍ଥାକୁ ଦେଖି ନୂଆ ପଦକ୍ଷେପ ନେଇଥିବାରୁ ସାଧାରଣରେ ସ୍ୱାଗତ କରାଯାଇଛି। ଏନେଇ ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ ଓ ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼ କୁହନ୍ତି, ଅଧିକ ଟଙ୍କାରେ ନିଲାମ ନେଇ ସ୍ୱଳ୍ପ ଟଙ୍କା ଦେଇ ନିଲାମ ଅର୍ଥ ପ୍ରଦାନ କରୁ ନାହାନ୍ତି। ଏଣୁ ଠାକୁରଙ୍କର କ୍ଷତି ହେଉଛି। ଏଣୁ ଯେଉଁମାନେ ନିଲାମ ଅର୍ଥ ପ୍ରଦାନ କରୁ ନାହାନ୍ତି ସେମାନଙ୍କ ବିରୋଧରେ ସାର୍ଟିଫିକେଟ କେଶ କରାଯିବାର ବିଚାର ରହିଛି। ଅନ୍ୟପକ୍ଷେ ରୋଷ ଘର ନିର୍ମାଣଧୀନ ଥିବାବେଳେ ଅବଢ଼ା ନିଲାମ ହୋଇ ପାରିନି। ଅଶ୍ୱିନ ଓ କାର୍ତ୍ତିକ ମାସକୁ ଆଖି ଆଗରେ ରଖି ଉପଜିଲାପାଳ କର୍ଣ୍ଣଦେବ ସମାଦାର ପହଣ୍ଡି ସେବାୟତଙ୍କ ଦ୍ୱାରା ଅବଢ଼ା ବ୍ୟବସ୍ଥା କାର୍ଯ୍ୟକାରୀ କରାଇଛନ୍ତି। ଭୋଗ ଓ ଅବଢ଼ାର ଗୁଣବତ୍ତାକୁ ଗୁରୁତ୍ୱ ଦିଆଯାଇଛି। ସେହିଭଳି ବନ୍ଦ ହୋଇ ଯାଇଥିବା ଶ୍ରୀଜୀଉଙ୍କର ଦାନ୍ତଘଷା, ବିଡିଆ ପାନ , ଡମ୍ବରୁ ଆଳତି, ମହାଲକ୍ଷ୍ମୀ ଆଳତି ପରି ପୁରୁଣା ରୀତିନୀତିକୁ ପୁଣି ଲାଗୁ କରାଯାଇଛି। ଠାକୁରଙ୍କର ଭୋଗ ଦର ବୃଦ୍ଧି ପାଇଁ ଉପଜିଲାପାଳଙ୍କୁ ପ୍ରସ୍ତାବ ଦିଆଯାଇଛି। ସେବାୟତଙ୍କର ଦରମା ବୃଦ୍ଧି କରାଯାଇଥିବାବେଳେ ମନ୍ଦିରର ଆୟ ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇଛି। ଜଗନ୍ନାଥ ମହାପ୍ରଭୁଙ୍କର ରୀତିନୀତି ଯେପରି ଶୃଙ୍ଖଳିତ ଓ ଭଲ ଭାବେ ହୋଇ ପାରିବ ତାକୁ ପ୍ରାଧାନ୍ୟ ଦିଆଯାଇ କାମ କରାଯାଇଛି ବୋଲି କହିଛନ୍ତି।



@ ମଳୟ

@ ପ୍ରେମାନନ୍ଦ

@ ସୁମନ୍ତ

@ ଟ୍ୱିଙ୍କିଲ୍

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com
ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପୋଖରୀ ବାହ୍ୟ ସୌନ୍ଦର୍ଯ୍ୟକରଣରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ



ପୋଖରୀ ବାହାର ପାର୍ଶ୍ୱ ସୌନ୍ଦର୍ଯ୍ୟୀକରଣ କରାଯାଇଛି।

ଖଣ୍ଡପଡ଼ା,୧୪।୯ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ୭ନଂ. ୱାର୍ଡ ହରିଜନ ସାହିଠାରେ ଥିବା ପୁରାତନ ପୋଖରୀ ପଙ୍କ ଓ ଅନାବନା ଦଳରେ ପୋତି ହୋଇ ପଡିଛି । ଉକ୍ତ ପୋଖରୀରୁ ପଙ୍କ ଉଦ୍ଧାର ନିମନ୍ତେ ୱାର୍ଡବାସୀ ଦୀର୍ଘ ବର୍ଷ ଧରି ଦାବି କରି ଆସୁଥିଲେ ହେଁ ସେଥିପ୍ରତି ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ପୋଖରୀର ପାଣି ଦୂଷିତ ହୋଇ ପଡିଥିବା ବେଳେ ସ୍ଥାନୀୟ ବାସିନ୍ଦା ସେହି ଜଳରେ ସ୍ନାନ, ଶୌଚାଦି କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି । ଅପରପକ୍ଷେ ଉକ୍ତ ପୋଖରୀର ସମ୍ମୁଖ ଭାଗରେ ଏନଏସି କର୍ତ୍ତୃପକ୍ଷ ଲକ୍ଷାଧିକ ଟଙ୍କା ବ୍ୟୟ କରି ସିମେଣ୍ଟ ପିଣ୍ଡି ନିର୍ମାଣ, ଟାଇଲ ପକାଇବା, ରାସ୍ତାର ଉଭୟ ପାର୍ଶ୍ୱର ବିଭିନ୍ନ ସ୍ଥାନରେ ସିମେଣ୍ଟ ଚୌକି ସ୍ଥାପନ କରିଛନ୍ତି । ବର୍ଷା ପାଣି ଓ ଆବର୍ଜନା ପାଣି ନିଷ୍କାସନ ନିମନ୍ତେ ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ ପ୍ରତି ଧ୍ୟାନ ନ ଦେଇ ଏନ୍‌ଏସି କର୍ତ୍ତୃପକ୍ଷ କାହା ସ୍ୱାର୍ଥରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଫେଭର ବ୍ଲକ ଟାଇଲ ପକାଇଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳଙ୍କ ସହ ଯୋଗାଯୋଗ କରିବାରେ ଆଗାମୀ ଦିନରେ ପୋଖରୀରୁ ପଙ୍କ ଉଦ୍ଧାର ପ୍ରତି ଦୃଷ୍ଟି ଦିଆଯିବ ବୋଲି ସୂଚନା ଦେଇଛନ୍ତି ।

## ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ କେନ୍ଦ୍ରୀୟ ଟିମ୍

ନୟାଗଡ଼,୧୪।୯(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକର ଲକ୍ଷ୍ମୀପ୍ରସାଦ ଓ ତୁଳସୀପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଭାରତ ସରକାରଙ୍କ ୨ ଜଣିଆ ଗୁଣବତ୍ତା ଯାଞ୍ଚ ପାଇଁ କେନ୍ଦ୍ରୀୟ ତଦାରଖକାରୀ ମଣ୍ଡଳୀ ପରିଦର୍ଶନ କରିଛନ୍ତି। ଏଥିରେ ହାଇଦ୍ରାବାଦ ଡାକ୍ତର ବାଲାଜୀ କର୍ବ ଲକାଦେ ଓ ମହାରାଷ୍ଟ୍ରର ବି. ଅଶୋକ କୁମାର ସାମିଲ ଅଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ଯୋଗାଇ ଦିଆଯାଉଥିବା ସେବା ସମୂହକୁ ଯାଞ୍ଚ କରିଥିଲେ। ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସୂତି ଓ ଗର୍ଭବତୀମାନଙ୍କୁ ପ୍ରଦାନ କରାଯାଉଥିବା ସେବା, ମଧୁମେହ, ଯକ୍ଷ୍ମା, ମାଲେରିଆ, କୁଷ୍ଠ, କ୍ୟାନସର, ଗଳା, କର୍ଣ୍ଣ, ନାଶା ଆଦି ରୋଗରେ ରୋଗୀକୁ ପ୍ରଦାନ କରାଯାଉଥିବା ପରାମର୍ଶ ସେବା ଓ ଔଷଧ ବିତରଣ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଥିସହିତ ପାରିପାର୍ଶିକ ସ୍ୱଚ୍ଛତା ଅନୁରୂପ ଭାବେ ଅନୁଧ୍ୟାନ କରିଥିଲେ।



ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ କେନ୍ଦ୍ରୀୟ ଟିମ୍ ଆଶା କର୍ମୀଙ୍କ ସହ ଆଲୋଚନା କରୁଛନ୍ତି।

ପ୍ରକାଶ ଥାଉକି ନୟାଗଡ଼ ଜିଲାରେ ପ୍ରଥମ ଥର ପାଇ ଲକ୍ଷ୍ମୀପ୍ରସାଦ ଓ ତୁଳସୀପୁରକେନ୍ଦ୍ରକୁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଏହି ଟିମ୍ ପରିଦର୍ଶନ କରିଛନ୍ତି।

ଏଥିରେ ଜିଲା ଯକ୍ଷ୍ମା ଅଧିକାରୀ ଡାକ୍ତର ଶରତ ଦାସ, ଡାକ୍ତର ଦେବ ପ୍ରସାଦ ମିଶ୍ର, ସରପଞ୍ଚ ନିରଞ୍ଜନ ବିଧାର , ଜିଲା ଗୁଣବତ୍ତା ଅଧିକାରୀ ସନତ କୁମାର ମହାପାତ୍ର, ଇପ୍ସିତା ସାହୁ ,ସର୍ଣ୍ଣଲତା ଜେନା, ବୀଣାପାଣି ଦାସ, ସାବିତ୍ରୀ ଖଟୁଆ, ସୁରେନ୍ଦ୍ର ପ୍ରଧାନ, ନିବେଦିତା ପ୍ରଧାନ,ଦୀପକ ଦଳବେହେରା,ମନୋରଞ୍ଜନ ସାହୁ, ରିଆଜ ଅହମ୍ମଦ,ଭରତ ବେହେରା, ଜୟନ୍ତୀଦିଦିଙ୍କସମେତବ୍ଲକରସମସ୍ତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ୨ ବଖରା ଭସ୍ମୀଭୂତ

ଖଣ୍ଡପଡ଼ା,୧୪।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କିଆଖର ପଞ୍ଚାୟତର ସାତଗୋଛିଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୀନବନ୍ଧୁ ନାଏକଙ୍କ ୨ ବଖରା ଚାଳ ଘର ସମେତ ଆନୁସଙ୍ଗିକ ସାମଗ୍ରୀ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଛି । ଖବର ପାଇ ଖଣ୍ଡପଡ଼ା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ଅଗ୍ନିକାଣ୍ଡ ଜନିତ କ୍ଷୟକ୍ଷତିର ପରିମାଣ ୩୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି । ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ଖଣ୍ଡପଡ଼ା ତହସିଲ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

## ସଂସ୍କୃତ ସ୍ନେହମିଳନ, ଏକଦିବସୀୟ ପ୍ରଶିକ୍ଷଣ ଶିବିର

ନୟାଗଡ଼,୧୪।୯(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଭାଗୀରଥୀ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋବିନ୍ଦପୁରଠାରେ ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନ ପକ୍ଷରୁ ସଂସ୍କୃତ ଦିବସ ଉପଲକ୍ଷେ ସଂସ୍କୃତ ସ୍ନେହସମ୍ମିଳନୀ ଓ ଏକଦିବସାତ୍ମକ ସଂସ୍କୃତ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇ ଯାଇଛି। ଗୋଡିପଡ଼ା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ସନ୍ତୋଷ କୁମାର ସାହୁ, ଅଖିଳଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନ



ବାଲେଶ୍ୱରର ମହାସଚିବ ଜୟ ପ୍ରକାଶ ଶାସ୍ତ୍ରୀ ଓ ଖଳିସାହି ହାଇସ୍କୁଲର ଶିକ୍ଷକ ଗୋସ୍ୱାମୀ ଦାସ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରାଜେଶ କୁମାର ପଣ୍ଡା ଶିବିର ସଂଯୋଜନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ସାହୁ ଅଧକ୍ଷତା କରିଥିଲେ। ହିନ୍ଦି ଶିକ୍ଷକ ବେଣୁଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ଓଡ଼ଗାଁ,୧୪।୯(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁଠାରୁ କୋମଣ୍ଡ ରାସ୍ତାର ପଥରାଠାରେ ଶନିବାର ଅପରାହ୍ନରେ ଏକ କାର ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ କୋମଣ୍ଡ ହରିଜନ ସାହିର ବସନ୍ତ ନାୟକ। ଦୁର୍ଘଟଣା ଘଟାଇଥିବା କାର ଘଟଣାସ୍ଥଳରୁ ଚାଲିଯାଇଛି। ବସନ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ସ୍ଥାନାନ୍ତର କରାଯାଇଛି । କୋମଣ୍ଡ ବାଦ ଭୁଇଁର ଜୟ ନାୟକ ଏବଂ ବସନ୍ତ ବାଇକରେ ଓଡ଼ଗାଁରୁ କୋମଣ୍ଡ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା ।

## ଓଡ଼ଗାଁରେ ରାଷ୍ଟ୍ରୀୟ ଲୋକ ଅଦାଲତ




ଓଡ଼ଗାଁ,୧୪।୯ (ଆଦର୍ଶ କୁମାର ପଟ୍ଟନାୟକ)

### ୯୯ ମକଦ୍ଦମାର ଫଇସଲା ହେଲା

ସୋମବାର ନୟାଗଡ଼ ଜିଲା ଓଡ଼ଗାଁ ତାଲୁକ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଓଡ଼ଗାଁ ଦେୱାନୀ ଅଦାଲତ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ୯୯ ମକଦ୍ଦମାର ଆପୋଷ ବୁଝାମଣା ପରେ ସମାଧାନ କରାଯାଇଛି । ସେଥିମଧ୍ୟରୁ ବ୍ୟାଙ୍କ ସମ୍ବନ୍ଧୀୟ ୧୪ ମକଦ୍ଦମାର ସମାଧାନ ହୋଇ ୯ଲକ୍ଷ ୬୩ ହଜାର ଟଙ୍କା ଆଦାୟ କରାଯାଇଥିଲା । ଚେକ୍ ବାଉନ୍ସ ସମ୍ବନ୍ଧୀୟ ୩ ମକଦ୍ଦମାର ଆପୋସ ସମାଧାନ କରାଯାଇ ୧୩ଲକ୍ଷ ୫୦ହଜାର ଟଙ୍କା ଆବେଦନକାରୀମାନଙ୍କୁ ପ୍ରଦାନ କରାଯାଇଥିଲା । ଅନ୍ୟ ଜମିଜମା ଓ ଫୌଜଦାରୀ ସମ୍ପର୍କିତ ମକଦ୍ଦମାର ସମାଧାନ କରାଯାଇଥିଲା ।

ଉକ୍ତ ଲୋକ ଅଦାଲତରେ ଓଡ଼ଗାଁ ଅତିରିକ୍ତ ଜିଲା ଦୌରାଜଜ ମାନସ ରଞ୍ଜନ ରଥ, ଓଡ଼ଗାଁ ଦେୱନୀ (ବରିଷ୍ଠ) ଅଦାଲତର ବିଚାରପତି ଜନ୍ମେଜୟ ଦାଶ, ଗ୍ରାମ ନ୍ୟାୟାଳୟ ଅଦାଲତ ବିଚାରପତି ସୌମ୍ୟାଶ୍ରୀ ମହାପାତ୍ର ଓ ଓଡ଼ଗାଁ ଦେୱାନୀ (କନିଷ୍ଠ) ଅଦାଲତର ବିଚାରପତି ହରମୋହନ ଦାଶ ପ୍ରମୁଖ ମାମଲାଗୁଡିକୁ ପରିଚାଳନା କରିଥିଲେ। ଆଇନ ସେବା ପ୍ରାଧିକରଣର କର୍ମଚାରୀ ଶ୍ରଦ୍ଧାଞ୍ଜଳି ରଥ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଓଡ଼ଗାଁ ଓକିଲ ସଂଘ ସଭାପତି ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ସରକାରୀ ଓକିଲ ଇନ୍ଦୁ ଭୂଷଣ ମିଶ୍ର, ପୂର୍ଣ୍ଣ ଚନ୍ଦ୍ର ସାହୁ, ଅମୂଲ୍ୟ ପ୍ରସାଦ ପ୍ରଧାନ, ପ୍ରମୋଦ କୁମାର ବିଶାଳ, ବରିଷ୍ଠ ଆଇନଜୀବୀ ପବିତ୍ର ମୋହନ ସାହୁ, ନାରାୟଣ ନାୟକ, ରଞ୍ଜନ କୁମାର ନନ୍ଦ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ, ୧୨୧୫ ମାମଲା ଫଇସଲା

ନୟାଗଡ଼,୧୪।୯(ଲୋକନାଥ ମିଶ୍ର)

ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ନୟାଗଡ଼ ଆଇନସେବା ପ୍ରାଧିକରଣ ପକ୍ଷରୁ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଅଛି। ନୟାଗଡ଼ ଜିଲାର ଲୋକ ଅଦାଲତରେ ୫ଟି ମୋଟର ଦୁର୍ଘଟଣା ଜନିତ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୨୯ ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରିବା ପାଇଁ ବୀମା କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୭୯ ଦେୱାନୀ ମାମଲା ଫଇସଲା କରାଯାଇଥିଲା। ଏନ୍‌ଆଇ ଆକ୍ଟ କେସ ୨୪ଟି ଫଇସଲା କରାଯାଇ ୧୯ ଲକ୍ଷ ୫୦ ହଜାର ଟଙ୍କା ଆଦାୟ ହୋଇଥିବା ବେଳେ ବିବାହ ଜନିତ ୨୫ ଟି ମାମଲା ଫଇସଲା କରାଯାଇଥିଲା। ବ୍ୟାଙ୍କରୁ ଋଣ ନେଇ ଋଣ ପରିଶୋଧ କରିନଥିବା ୧୦୧ ଜଣ ଋଣ ଗ୍ରହୀତାଙ୍କଠାରୁ ୪୬ଲକ୍ଷ ୪୮ ହଜାର ୩୫୮ ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷରିତ କରାଯାଇଥିଲା। ଅନ୍ୟାନ୍ୟ ଫୌଜଦାରୀ ୨୬୭ଟି ମାମଲା ଫଇସଲା




ରାଷ୍ଟ୍ରୀୟ ଲୋକ ଅଦାଲତରେ ମାମଲାର ବିଚାର ଚାଲିଛି।

କରାଯାଇ ୧୦ ଲକ୍ଷ୍ୟ ଟଙ୍କା ଆଦାୟ କରାଯାଇଥିଲା ୨୯ ଟି ପ୍ରାକ ବିଜୁଳି ମାମଲା ଫଇସଲା କରାଯାଇ ୩ଲକ୍ଷ ୪୭ ହଜାର ୨୬୫ ଟଙ୍କା ଆଦାୟ ଜୋଇଛି।ସେହିପରି ୬୭୬ଟି ରାଜସ୍ୱ ମାମଲା ଫଇସଲା କରାଯାଇ ୭୨ ହଜାର ୪୩୦ ଟଙ୍କା ଏବଂ ୩ ସାଲିସ ଯୋଗ୍ୟ ଫଉଜଦାରୀ ମାମଲାର ଫଇସଲା ହୋଇଥିଲା।

ଲୋକ ଅଦାଲତରେ ଜିଲା ଓ ଦୌରା ଜଜ ଆନନ୍ଦ ନାରାୟଣ ମହାରଣା, ପରିବାର ଅଦାଲତ ବିଚାରପତି ସୁବ୍ରତ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲା ଓ ଦୌରାଜଜ ରିଜା ରାୟ, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ସତ୍ୟବ୍ରତ ରଣା, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି(ଏଲ ଆର ଆଣ୍ଡ ଏଲ ଟିଭି ) ରବି ନାରାୟଣ ବେହେରା, ଉପଖଣ୍ଡ ଫୌଜଦାରୀ ବିଚାରପତି ସୋନାଲୀ ସରିତା ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିବା ବେଳେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୃତିସ୍ନିଗ୍ଧା ଦାସ, ଜିଲା ଆଇନ ସେବା ପ୍ରାଧାକରଣ ସଚିବ ଅଞ୍ଜଳି ମଚ୍ଛଖଣ୍ଡ, ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରାଜଜ ( ମହିଳା ଅଦାଲତ) ସ୍ୱୟଂ ପ୍ରଭା ଆଚାର୍ଯ୍ୟ ଏବଂ ସିଭିଲ କୋର୍ଟ ରେଜିଷ୍ଟ୍ରାର ନିଶାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଡିସେମ୍ବର ୧୪ରେ ଅନୁଷ୍ଠିତ ହେବ ବୋଲି ପ୍ରାଧିକରଣ ସଚିବ ଅଞ୍ଜଳି ମଚ୍ଛଖଣ୍ଡ ସୂଚନା ଦେଇଛନ୍ତି ।

